### ଚାରମାଳକୁ ଯାଉଥିବା ପାଉଁଶ ଜାମଟାଲରେ ପଡ଼ିବା ଘଟଣା

# ପାଉଁଶର କଳା ସାମ୍ରାଜ୍ୟରେ କନ୍ଧମାଳ ବେପାରୀଙ୍କ ସମ୍ପୃକ୍ତି

**ସମ୍ବଲପୁର, ୨୧।୬(ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୁମୁରା ତହସିଲ ହାତୀବାରୀ ମୌଜା ଜାମଟାଲରେ ବେଆଇନ ଭାବେ ପାଉଁଶ ପକାଯାଉଥିଲା। ୫୫ନଂ ଜାତୀୟ ରାଜପଥ ଚାରମାଳ ବ୍ରିଜ କାମ ପାଇଁ ପାଉଁଶ ପକାଇବାକୁ ଅନୁମତି ମିଳିଥିବା ବେଳେ ପରିବହନ ସଂସ୍ଥା ଜାମଟାଲ ପଥରଖାଦନ ଓ ଜଣଙ୍କ ରୟତି ଜମିରେ ପକାଉଥିଲା। 'ସକାଳ'ରେ ନିୟମିତ ଖବର ପ୍ରକାଶ ପରେ ଏନଏଚଏଆଇ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରିବହନ ସଂସ୍ଥାକୁ କଳା ତାଲିକା ଭୁକ୍ତ କରିଛନ୍ତି। ଅନ୍ୟପଟେ ରାଜସ୍ୱ ବିଭାଗ, ପ୍ରଦୂଷଣ ବିଭାଗ ବେଆଇନ ଭାବେ ପାଉଁଶ ପକାଯାଉଥିବା ନେଇ ରିପୋର୍ଟ ସଂଗ୍ରହ କରିଛି। ହେଲେ ଏଠାରେ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଏହି ପାଉଁଶର କଳା ସାମ୍ରାଜ୍ୟରେ କନ୍ଧମାଳ ମାଫିଆଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ ହେଉଛି। ଉକ୍ତ ଜମି ପୂର୍ବରୁ ଜାମଟାଲ ଗ୍ରାମର ଗଣ୍ଡେନ ଭୁଏ ନାମରେ ରହିଥିଲା। ହେଲେ ୨୦୨୪ ମସିହା ଏପ୍ରିଲ ୨୪ ତାରିଖ ଜମି କନ୍ଧମାଳ ଲମ୍ବାବାଦୀ ଗୁରାଣ୍ଡିର ହେମନ୍ତ କନହର ନାମକୁ ମାଲିକାନା ଯାଇଛି। ମୋଟ ୮ ଏକର ଜମିରୁ ସାଧାରଣ ବେର୍ଣ୍ଣା, ବାହାଲ, ଆଟ କିସମ ଅଧିକାଂଶ ଜମି ରହିଛି। ଉକ୍ତ ଜମିରେ ବେଆଇନ ଭାବେ ପାଉଁଶ ପକାଯାଉଥିବା ନେଇ ସ୍ଥାନୀୟ ଆର୍‌ଆଇ ତହସିଲଦାରଙ୍କ ପାଖରେ ରିପୋର୍ଟ ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛିଯେ, ରୟତି ଜମିରେ ମଧ ପାଉଁଶ ପକାଇଲେ ଅନୁମତି ନେବାକୁ ପଡ଼ିଥାଏ। ଜମିର କିସମକୁ ଦେଖିଲେ ଅନୁମତି ଦିଆଯାଇଥାଏ। ଆଖ ପାଖ ଜଙ୍ଗଲ, ଚାଷ ଜମି ଥିଲେ ଅନୁମତି ଦିଆଯାଇ ନଥାଏ। ଏହା ତଦାରଖ କରିବା ରାଜସ୍ୱ ବିଭାଗର ହାତରେ ରହିଥିବାରୁ ଉକ୍ତ ବିଭଗେ ଜରିମାନା କରିପାରିବେ ଓ ଆଇନଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିପାରିବେ ବୋଲି କହିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ମଧ ରିପୋର୍ଟ ସଂଗ୍ରହ କରାଯାଇଛି। ରିପୋର୍ଟ ମୁଖ୍ୟ ଅଫିସକୁ ପଠାଇ ଦିଆଯାଇଛି। ବୋର୍ଡ ନିଷ୍ପତି କ୍ରମେ କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ବେଆଇନ ପାଉଁଶ ପକାଇବା ନେଇ ଜମି ମାଲିକ ହେମନ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟନୁଷ୍ଠାନ କରାଯାଉ ବୋଲି ଦାବି ହେଉଛି। ଜମି ମାଲିକ ହେମନ୍ତ ଜିଲ୍ଲାର ଜଣେ ପୂର୍ବତନ ବିଧାୟକଙ୍କ ଭାଇର ଅନୁଗତ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ରାଜନେତାଙ୍କ ଚାପରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉ ଥିବା ସଂଦେହ କରାଯାଉଛି। ରୟତି ଜମିରେ ପକା ଯାଉଥିବା କହି ନିକଟସ୍ଥ ପଥରଖାଦାନରେ ଥିବା ଜଳାଶୟକୁ ପାଉଁଶରେ ପୋତି ଦେଉଥିବା ଅଭିଯୋଗ ହୋଇଥିଲା। ଜିଲ୍ଲାରେ ବେଆଇନ ପାଉଁଶ ଡମ୍ପିଂ କାରବାର ପ୍ରତି ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଗ୍ରାମ ଓ ଜନବସତି ପାଉଁଶ ସ୍ତୁପରେ ପରିଣତ ହୋଇଯିବାକୁ ବେଶୀ ସମୟ ଲାଗିବ ନାହିଁ ବୋଲି ମତ ପ୍ରକାଶ ପାଇଛି। ଏହି ଘଟଣା ପରେ ପାଉଁଶ ମାଫିଆ ମାନେ ଗ୍ରାମାବାସୀଙ୍କୁ ବାରମ୍ବାର ବୁଝାମଣା କରିବାକୁ ଚାପ ପକାଉଛନ୍ତି ଓ ଆର୍ଥିକ ପ୍ରଲୋଭନ ଦେଖାଉଛନ୍ତି। କିନ୍ତୁ ଗ୍ରାମବାସୀ ପରିବେଶ, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷାକୁ ଅଗ୍ରାଧିକାର ଦେଇ ମାଫିଆଙ୍କୁ ପ୍ରଶ୍ରୟ ଦେଉନଥିବା ଜଣାଯାଇଛି। ଏହି ଅଞ୍ଚଳରେ ପାଉଁଶ ପକାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଦୃଢ଼ ସ୍ୱରରେ କହୁଛନ୍ତି। ଜାତୀୟ ରାଜପଥ ୫୫ ଚାରମାଳରେ ଏକ ବ୍ରିଜ ନିର୍ମାଣରେ ଏହି ପାଉଁଶ ପକାଇବାକୁ ପରିବହନ ସଂସ୍ଥା ସୋନୁମୋନୁ ରୋଡ୍‌ଲାଇନ୍‌ସକୁ ଏନଏଚଆଇ ପକ୍ଷରୁ ଅନୁମତି ମିଳିଥିଲା। ଗ୍ରାମବାସୀ ୫ଟି ହାଇୱା ଓ ଗୋଟିଏ ଜେସିବି ଅଟକ ରଖି ପୁଲିସକୁ ଜିମା ଦେଇଥିଲେ। ପରେ ଆରଟିଓ ଓଭର ଲୋଡିଂ ବାବଦରେ ୧ ଲକ୍ଷ ୭୦ ହଜାର ଜରିମାନା ଆଦାୟ କରି ଏହାକୁ ଛାଡି ଦେଇଥିଲେ। ଏହି ଘଟଣାରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ଓ ପ୍ରଦୂଷଣ ବିଭାଗ ନିଜ ଉପରୁ ଦୋଷ ଖସାଇ ଚୁପ୍ ରହି ଯାଇଥିବା ବେଳେ ଏହି ବେଆଇନ ପାଉଁଶ ଡମ୍ପିଂ ଘଟଣାରେ କେଉଁ ବିଭାଗ ଦାୟୀ ପ୍ରଶାସନ ସ୍ପଷ୍ଟ କରୁବୋଲି ଗ୍ରାମବାସୀ ଦାବି କହିଛନ୍ତି।



- ପୂର୍ବତନ ବିଧାୟକଙ୍କ ଭାଇର ଅନୁଗତ ନାମରେ ଜମି
- ସରକାରୀ ରିପୋର୍ଟରେ ବେଆଇନ ପାଉଁଶ ଚାଲାଣ
- ମୋଟା ଅଙ୍କର ଡିଲ୍ କରି ନେତା ଦେଉଥିଲେ ସୁରକ୍ଷା

## ଜେଜେଏସ୍‌ପିଏଲ୍ କାରଖାନାରୁ ଡିଜେଲ ଚୋରି, ୨ ଗିରଫ



**କୁଚିଣ୍ଡା, ୨୧।୬(ସମିସ) :** ଗତ ବୁଧବାର ୧୯ ତାରିଖ ଦିନ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବେଲପଡ଼ା ରେ ଥିବା ଜୟଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟିଟେଡ଼(ଜେଜେଏସପିଏଲ) ରୁ ଡିଜେଲ ଚୋରି ହୋଇଥିଲା। କାରଖାନା ଭିତରେ ଥିବା ଡିଜେଲ ଟାଙ୍କିର ତାଲା ଭାଙ୍ଗି ଟାଙ୍କି ମଧ୍ୟରୁ ୧୬୨୦ ଲିଟର ଡିଜେଲ ଚୋରି କରି ନେଇଥିଲେ। ଏନେଇ ଗୋବିନ୍ଦପୁର ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସାଙ୍କୋବାହାଲ ଗ୍ରାମର ଅମୀର ମାଝୀ (୨୭), ଛବିଳ ମାଝୀ (୨୫)। ଅଭିଯୁକ୍ତଙ୍କ ପାଖରୁ ୮୨୫ ଲିଟର ଡିଜେଲ ଜବତ ହୋଇଛି। ଗୋଟିଏ ପ୍ଲାଷ୍ଟିକ ପାଇପ, ଗୋଟିଏ ବୋଲେରୋ ପିକଅପ ଗାଡି (ଓଡି -୧୬ଏ-୮୫୦୨ ) ଜବତ କରିଛି। ଥାନା କେସନଂ ୧୦୪/୨୪ରେ ମାମଲା ରୁଜୁ ହୋଇଛି।

### ବାମରା ଅଗ୍ରୱାଲ ମହିଳା ସମିତି ନୂତନ କର୍ମକର୍ତ୍ତା

## ରଶ୍ମି ଅଧ୍ୟକ୍ଷା, ଦିବ୍ୟା ସମ୍ପାଦକ



**ବାମରା, ୨୧।୬(ସମିସ):** ବାମରା ଅଗ୍ରୱାଲ ମହିଳା ସମିତି ଅଧ୍ୟକ୍ଷା ସପ୍ନା ଲାଠଙ୍କ ଆବାସରେ ଏକ ବିଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨ ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ରଶ୍ମି ଅଗ୍ରୱାଲଙ୍କୁ ଅଧ୍ୟକ୍ଷା, ଦୀବ୍ୟା ଅଗ୍ରୱାଲଙ୍କୁ ସାଧାରଣ ସମ୍ପାଦକ, ସୋନା ଅଗ୍ରୱାଲଙ୍କୁ କୋଷଧକ୍ଷା ରୂପେ ମନୋନୀତ କରାଯାଇଥିଲା। ଉପସ୍ଥିତ ସଦସ୍ୟାମାନେ ନବନିର୍ବାଚିତ ପଦାଧିକାରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ବର୍ତ୍ତମାନର ଅଧ୍ୟକ୍ଷା ସପ୍ନା ଲାଠ ସମିତି ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ନବ ନିର୍ବାଚିତ ଅଧ୍ୟକ୍ଷା ରଶ୍ମି ଅଗ୍ରୱାଲ ଆଗାମୀ ଦିନରେ ବ୍ଲଡ଼ ଡୋନେସନ କ୍ୟାମ୍ପ ଓ ସାମାଜିକ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ଆଲୋଚନା କରିଥିଲେ। ଅଗ୍ରୱାଲ ମହିଳା ସମିତି ସାମାଜିକ କାର୍ଯ୍ୟ ପାଇଁ ବାମରା ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବୈଠକରେ ଜ୍ୟୋସ୍ନା ଲାଠ, ମମତା ଅଗ୍ରୱାଲ, ମୋନା ଅଗ୍ରୱାଲ, ପାୟଲ ଅଗ୍ରୱାଲ, ସଙ୍ଗୀତା ଅଗ୍ରୱାଲ ଓ ଅନ୍ୟ ସଦସ୍ୟା ମାନେ ଉପସ୍ଥିତ ରହିଥିଲେ।

### ବାମରା ଷ୍ଟେସନରେ ନିକୃଷ୍ଟ ଯାତ୍ରୀ ସେବା

## କ୍ଷୋଭ ପ୍ରକାଶ କଲେ ଅଧିକାରୀ



**ବାମରା, ୨୧।୬(ସମିସ):** ଚକ୍ରଧରପୁର ରେଳ ମଣ୍ଡଳ ବାମରା ରେଳ ଷ୍ଟେସନକୁ ଡିଆରୟୁସିସି ସଦସ୍ୟ ପ୍ରଫେସର ଡାକ୍ତର ସୁବାସ ଚନ୍ଦ୍ର ଲେଙ୍କା ଚକ୍ରଧରପୁର ରେଳ ମଣ୍ଡଳର ବାଣିଜ୍ୟ ନୀରିକ୍ଷକ ମନୀଷ କୁମାର ମିଶ୍ରଙ୍କ ସହ ଯାତ୍ରୀ ସେବା ଅନୁଧ୍ୟାନ ପାଇଁ ପହଞ୍ଚିଥିଲେ। ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ, ପାନୀୟ ଜଳ ଷ୍ଟାଣ୍ଡ ପୋଷ୍ଟ, ୱାଟର କୁଲର, ପ୍ଲାଟଫର୍ମ, ସୁଲଭ ଶୌଚାଳୟ ଆଦି ନିରୀକ୍ଷଣ କରିଥିଲେ। ସବୁ ଜାଗାରେ କୁଢ଼ କୁଢ଼ ମଇଳା ଓ ଆବର୍ଜନା ପଡ଼ିଥିବା, ପାନୀୟ ଜଳ ଷ୍ଟାଣ୍ଡ ପୋଷ୍ଟ ରେ ପାଣି ନ ଆସିବା ଓ ଆବର୍ଜନା ରେ ପରିପୂର୍ଣ୍ଣ ଥିବା ଦେଖିଥିଲେ। ଶୌଚାଳୟ, ପ୍ଲାଟଫର୍ମ ଓ ଯାତ୍ରୀ ପ୍ରତିକ୍ଷାଳୟ ଅପରିଷ୍କାର ଓ ଆବର୍ଜନା ପୂର୍ଣ୍ଣ ଥିବା ଦେଖିଥିଲେ। ଥଣ୍ଡା ପାନୀୟ ଜଳ ମେସିନ ଦୀର୍ଘ ୫ ବର୍ଷରୁ ଅକାମୀ ପଡ଼ିଥିବା ବେଳେ ମହାନଦୀ କୋଲ ଫିଲ୍ଡ ପାଣ୍ଠି ରୁ ପାଞ୍ଚ ବର୍ଷ ପୂର୍ବେ ତିଆରି କରାଯାଇଥିବା ସୁଲଭ ଶୌଚାଳୟ କୁ ଯାତ୍ରୀଙ୍କ ପାଇଁ ଉତ୍ସର୍ଗ ନ କରି ତାଲା ପକାଇ ରଖିଥିବା ଓ ସୁଲଭ ଶୌଚାଳୟ ଚତୁଃପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା ପଡ଼ି ଥିବା ନିରୀକ୍ଷଣ କରିଥିଲେ। ନୂତନ ଷ୍ଟେସନ ଭବନରେ ନିର୍ମିତ ଯାତ୍ରୀ ପ୍ରତିକ୍ଷାଳୟ ଯାତ୍ରୀଙ୍କ ବସିବା କିଛି ସୁବିଧା କରା ନ ଯାଇ ତାଲା ପକାଇ ଥିବା ଦେଖିବାକୁ ପାଇଥିଲେ। ଲେଙ୍କାଙ୍କୁ ଭେଟିବା ପାଇଁ ରେଳ କ୍ରିୟାନୁଷ୍ଠାନ କମିଟି ସଭାପତି ଅନୁଭବ କୁମାର ଲାଠ, ବାମରା ନାଗରିକ କମିଟି ସମ୍ପାଦକ ଜ୍ୟୋତି କୁମାର ଲାଠ, ମିଣ୍ଟୁ କଶ୍ୟପ, ଧର୍ମେନ୍ଦ୍ର ବର୍ମା, ରାହୁଲ ସାହୁ, ସନ୍ତୋଷ ଅଗ୍ରୱାଲ, ଉମେଶ ଶୁକ୍ଳା, ସଞ୍ଜୀବ ପାଲ, ରାହୁଲ ସାହୁ, ଜଗୁ ଚୌଧୁରୀ ସମେତ ବହୁ ସଂଖ୍ୟାରେ ସଚେତନ ନାଗରିକ ଭେଟି ବାମରା ଷ୍ଟେସନର ବିଭିନ୍ନ ସମସ୍ୟା ନେଇ ଅବଗତ କରିଥିଲେ। ବାମରା ଷ୍ଟେସନ ରେ ଷ୍ଟେସନ ମ୍ୟାନେଜରଙ୍କ ନିଯୁକ୍ତି ୨ ବର୍ଷ ରୁ ଅଧିକ ହେଲା ହୋଇ ନାହିଁ। ବାମରା ଷ୍ଟେସନରେ ଅଣ୍ଡର ପାସ ଓ ରେମ୍ପ ଫୁଟ ଓଭର୍ ବ୍ରିଜ ତିଆରି, କୋଚ ଡିସ୍ପ୍ଲେ ଲଗାଇବା, ଇସ୍ପାତ ଏକ୍ସପ୍ରେସ ଓ ଟାଟା ବିଲାସପୁର ଟ୍ରେନ ରହଣୀ, ପ୍ଲାଟଫର୍ମରେ ଥିବା ସେଡ ଗୁଡ଼ିକର ସମ୍ପ୍ରସାରଣ କରିବା, ୟୁଟିଏସ ଓ ପିଆରଏସ ବୁକିଂ ଅଲଗ କରିବା, ଷ୍ଟେସନ କୁ ସଫା ସୁତୁରା, ସୌନ୍ଦର୍ଯ୍ୟକରଣ କରିବା ସମେତ ଅନେକ ବିଷୟରେ ବିଶଦ ଆଲୋଚନା କରି ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ଲେଙ୍କା ଗ୍ରାମବାସୀଙ୍କୁ କହିଥିଲେ ବାମରା ଷ୍ଟେସନର ଏଭଳି ବିକୃତ ଯାତ୍ରୀ ସେବା ଦେଖି ମୁଁ ମର୍ମାହତ ହୋଇଛି। ଚକ୍ରଧରପୁର ରେଳମଣ୍ଡଳରେ ଥିବା ବାମରା ଷ୍ଟେସନରେ ଯାତ୍ରୀ ସେବା ସବୁଠାରୁ ନିକୃଷ୍ଟ ବୋଲି କ୍ଷୋଭ ପ୍ରକାଶ କରିଥିଲେ।

## ରେଢ଼ାଖୋଲରେ ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

**ରେଢ଼ାଖୋଲ, ୨୧।୬(ସମିସ):** ରେଢ଼ାଖୋଲ ସହରର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଭୀମଭୋଇ ମହାବିଦ୍ୟାଳୟ ପରିସରରେ ରେଢ଼ାଖୋଲ ବ୍ଲକ, ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ, କଲେଜର ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ କଲେଜରେ ଯୋଗ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଡିଓ ମନୋଜ କୁମାର ମେହେର, କଲେଜର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ସିଡ଼ିପିଓ ସୁଷମା ପାଢ଼ୀ, ବିପିଏମ ସସ୍ମିତା ଦାସ ଓ ବିଇଓ ସୁଦୀପ୍ତ କୁମାର ନାଏକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ କଲେଜର ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ଏନଏସଏସ ଅଧିକାରୀ ବିରଞ୍ଚି ଖଡ଼ିଆ, ଅଧ୍ୟାପକ ଡ଼.



୨ ଶହ ରୁ ଉର୍ଦ୍ଧ ଜନ ସାଧାରଣ ଅଂଶ ଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନ ସାଧାରଣ ଅଂଶ ଗ୍ରହଣ କରିଥିଲେ। ଏଥି ସହିତ ସ୍ଥାନୀୟ ରେଲୱେ କଲୋନୀ, ଉପ କାରାଗାର ଏବଂ ଏସଡିଜେଏମ କୋର୍ଟ ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ବିଭିନ୍ନ ସ୍ଥାନରେ ପତଞ୍ଜଳୀ ଯୋଗ ସମିତି ମହିଳା ପ୍ରଭାରୀ ନିରୋଦ ପ୍ରଭା ମହାନ୍ତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ର ସହ ପ୍ରଭାରୀ ଯୋଗ ପ୍ରଶିକ୍ଷକ ମନୋଜ କୁମାର ସାହୁ, ଚାହତ ପାରମାର, ରାଜେଶ ଦେହୁରୀ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଭୋଜରାଜ ପରିଚାଳନା ଦାୟିତ୍? ନିର୍ବାହ କରିଥିବା ବେଳେ ପତଞ୍ଜଳୀ ଯୋଗ ସମିତିର ରାଜେଶ ପାରମାର, ରେଢ଼ାଖୋଲ ଯୋଗ ସମିତି ସୁରଥ ସାହୁ ସକ୍ରିୟ ସହଯୋଗ କରିଥିଲେ। ସେହିପରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ପ୍ରଦୀପ ପ୍ରଜ୍ୟାଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉପ କାରାଗାର ଅନ୍ତେବାସୀଙ୍କ ପାଇଁ ଆୟୋଜିତ ଯୋଗ ପ୍ରଶିକ୍ଷଣରେ ଉପ କାରାଗାର ଅଧିକ୍ଷକ ଉପେନ୍ଦ୍ର କୁମାର ଜେନା ଏବଂ ରେଲୱେ କଲୋନୀ ଠାରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ହିରାଲାଲଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ନାକଟିଦେଉଳ କଲେଜରେ ଯୋଗ ଦିବସ



**ନାକଟିଦେଉଳ, ୨୧।୬(ସମିସ):** ନାକଟିଦେଉଳ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ଓ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଆଜି ପାଳିତ ହୋଇଯାଇଛି। ଡକ୍ଟର୍ ପୁଷ୍ପାଞ୍ଜଳି ରବଣା ଓ ଅଧ୍ୟାପକ ଭଜମୋହନ ପ୍ରଧାନଙ୍କ ପରିଚାଳନା କରିଥିଲେ। ଯୋଗଚାର୍ଯ୍ୟା ପିଙ୍କିଲତା ବିଶ୍ୱାଳ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରିବା ସହିତ ଏହାର ଉପଯୋଗିତା ବିଷୟରେ ବୁଝାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଅଧ୍ୟାପକ ଦେବେଶ୍ କୁମାର୍ ବିଶ୍ୱାଳଙ୍କ ସଞ୍ଚୋଳନାରେ ଯୋଗର ଆବଶ୍ୟକତା ଓ ଉପକାରିତା ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

## ବାମରାରେ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ



**ବାମରା, ୨୧।୬(ସମିସ):** ବାମରା ବ୍ଲକ ପ୍ରଶାସନ ଦ୍ୱାରା ବ୍ଲକ ପରିସରରେରେ ଶୁକ୍ରବାର ବ୍ଲକ ସ୍ତରୀୟ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୂଆ ଉଦଘାଟନ କରିଥିଲେ। ଛାତ୍ର ଛାତ୍ରୀ, ଯୁବକ, ଯୁବତୀ, ମହିଳା, ବରିଷ୍ଠ ନାଗରିକ, ଅଙ୍ଗନବାଡ଼ି ଦିଦି ସମେତ ସମସ୍ତ ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ଡବ୍ଲୁଇଓ ରଞ୍ଜନ ରାମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏବିଡ଼ିଓ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଯୋଗ ଶିକ୍ଷକ ଦେବେନ୍ଦ୍ର ବେହେରା ଓ ଶର୍ମିଷ୍ଠା ନାୟକ ବିଭିନ୍ନ ପ୍ରକାର ଯୋଗାସନ, ପ୍ରାଣାୟମର ଅଭ୍ୟାସ କରାଇବା ସହ ତାହାର ଫାଇଦା ବିଷୟରେ ଅବଗତ କରାଇ ଥିଲେ। ଆୟୋଜନରେ ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ଅତିରିକ୍ତ ତହସିଲଦାର ସୂଜଏ ପଣ୍ଡା, ବିଆରସି ସଞ୍ଜୟ ରାଉତ, ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ସମେତ ବାମରା ନାଗରିକ କମିଟି ସମ୍ପାଦକ ଜ୍ୟୋତି କୁମାର ଲାଠ, ମହେଶ ଚୌଧୁରୀ, ମନମୋହନ ସାହୁ, ପ୍ରଶାନ୍ତ ଶତପଥୀ ଓ ଅନ୍ୟ ଗଣମାନ୍ୟ ଉପସ୍ଥିତ ଥିଲେ।

### ଶ୍ୟାମ ମେଟାଲିକ୍ସକୁ ଘାରିଛି ସତ ପଦାକୁ ଆସିବାର ଭୟ

# ରାଜପଥ ଓଭରବ୍ରିଜ ବାଡ଼ରେ ଢାଙ୍କିଛି ମେଟାଲ ପରଦା

**ସମ୍ବଲପୁର, ୨୧।୬(ସମିସ)**

ପଶ୍ଚିମ ଓଡ଼ିଶାରେ ରେଙ୍ଗାଲିଠାରୁ ଝାରସୁଗୁଡାକୁ ପ୍ରଦୁଷଣ ଜୋନ' ବୋଲି ଲୋକେ କହନ୍ତି। ଏହାର ପଛରେ କିଛି ହାତ ଗଣତି କଳ କାରଖାନା ଦାୟୀ। ସମ୍ବଲପୁର ତଥା ଝାରସୁଗୁଡା ଜିଲ୍ଲାର ପ୍ରଦୂଷଣ ନିୟମ ଭାଙ୍ଗୁଥିବା ନେଇ ରେଙ୍ଗାଲି ସ୍ଥିତ ଶ୍ୟାମ ମେଟାଲିକ୍ସ ବେଶ୍ ଧୂରନ୍ଧର ଥିବାବେଳେ ତା ନାଁରେ ସବୁବେଳେ କିଛି ନା କିଛି ଅଭିଯୋଗ ଆସିଥାଏ। ହେଲେ ପ୍ରତିଥରରେ ପ୍ରଦୂଷଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଶ୍ୟାମ ମେଟାଲିକ୍ସ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରନ୍ତି ନାହିଁ। ଆଉ ପ୍ରଦୂଷଣ ବିଭାଗ ଓ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନନେବା ପଛରେ ମଧୁଚନ୍ଦ୍ରିକା ଥିବା ଅଭିଯୋଗ ହୋଇ ଆସୁଛି। ପୂର୍ବରୁ ଜଳଭଣ୍ଡାରର ଜମି ବେଆଇନ ଜବରଦଖଲ କରିବା ସହ ବର୍ଜ୍ୟ ପରିଚାଳନା କରୁଥିବା ମଧ ଅଭିଯୋଗ ଆସିଥିଲା। ହେଲେ ଏଥର କିନ୍ତୁ ଶ୍ୟାମ ମେଟାଲିକ୍ସ ଏସବୁ ଘଟଣାକୁ ଲୁଚାଇବା ପାଇଁ ମେଟାଲ ପରଦା ବ୍ୟବହାର କରୁଛି। ଶ୍ୟାମ ମେଟାଲିକ୍ସ ଦେଇ ଯାଇଥିବା ରାଜ୍ୟ ରାଜପଥର ଓଭରବ୍ରିଜ ଉପରେ ଛିଡା ହେଲା ଶ୍ୟାମ ମେଟାଲିକ୍ସର ସମସ୍ତ କାରନାମା ଦେଖାଯାଏ। ସେହି ରାସ୍ତା ଦେଇ ଯାଉଥିବା ଯେ କୌଣସି ବ୍ୟକ୍ତି ଗାଡି ଭିତରୁ ମଧ ଶ୍ୟାମ ମେଟାଲିକ୍ସର ସମସ୍ତ କାରନାମା ଦେଖିବା ସହ ଫଟୋ ଭିଡଓ ନେବା ଅତି ସହଜ କଥା ଥିଲା। ଶ୍ୟାମ ମେଟାଲିକ୍ସର ପରିସୀମା କେତେ, ଭିତରେ କେତେ ପ୍ରଦୂଷଣ ହେଉଛି, କେତେ ଧୂଳିକଣା ଉଡୁଛି ସେହି ଓଭର ବ୍ରିଜ ଉପରେ ଯାଉଥିବା ବ୍ୟକ୍ତି ସହଜରେ ଦେଖି ପାରୁଥିଲେ। ଯାହା ଫଳରେ ସମସ୍ତଙ୍କ ନଜରକୁ ଶ୍ୟାମ ମେଟାଲିକ୍ସର କାରନାମା ଆସୁଥିଲା। ତେଣୁ ବାଧ ହୋଇ ଶ୍ୟାମ ମେଟାଲିକ୍ସ କର୍ତ୍ତୃପକ୍ଷ ରାଜପଥ କର୍ତ୍ତୃପକ୍ଷଙ୍କୁ ହାତ କରି ସେଥିରେ ମେଟାଲ ପରଦା ଢାଙ୍କି ଦେଇଛନ୍ତି। ତେବେ ପ୍ରତି ୨ ଫୁଟରେ ସେହି ବ୍ରିଜ ବାଡ ଶ୍ୟାମ ମେଟାଲିକ୍ସକୁ ସୁରକ୍ଷା ଦେବାକୁ ଯାଇ ମେସିନ ସାହାଯ୍ୟରେ ଗାତ ମଧ କରାଯାଇଛି। ଯାହା ଓଭରବ୍ରିଜର ବାଡର ଦୀର୍ଘସ୍ଥାୟୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜାତୀୟ ସମ୍ପତ୍ତି ବା ରାଜପଥରେ ଥିବା ଓଭର ବ୍ରିଜକୁ ଶ୍ୟାମ ମେଟାଲିକ୍ସ କେମିତି ଗାତ କରି ସେଥିରେ ମେଟାଲ ପରଦା ଲଗାଇଲା ଓ କିଏ ଅନୁମତି ଦେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଓଭର ବ୍ରିଜ ଉପରୁ ପଡ଼ିଯିବାର ଭୟ ରହୁଥିବା କାରଣକୁ ଏପରି ମେଟାଲ ପରଦା ଦିଆଯାଇଛି ତେବେ ଓଡ଼ିଶାରେ କେବଳ ସେହି ଓଭରବ୍ରିଜରେ ଭୟ ରହିଛି। ଅନ୍ୟ ଓଭରବ୍ରିଜରେ ଭୟ ନାହିଁ କି। ଏହା ଶ୍ୟାମ ମେଟାଲିକ୍ସ ନିଜର କଳାକାରନାମା ଲୁଚାଇବା ପାଇଁ ଏପରି କରିଥିବାବେଳେ ଏହା ଉପରେ କେହି ମୁହଁ ଖୋଲୁ ନାହାନ୍ତି। ଯାହାକୁ ନେଇ ରାଜପଥ କର୍ତ୍ତୃପକ୍ଷ ଶ୍ୟାମ ମେଟାଲିକ୍ସ ଉପରେ କାର୍ଯ୍ୟାନୁଷ୍ଠାନ ନେବାର ସମୟ ଆସିଛି ବୋଲି ଆଲୋଚନା ହେଉଛି।



### କଣ ଲୁଚାଇବାକୁ ଚାହୁଁଛି ଶ୍ୟାମ ମେଟାଲିକ୍ସ

**ବୁଲା ଗୋରୁଙ୍କ ସୁରକ୍ଷା ଦାବି କଲା ବଜରଙ୍ଗ ଦଳ**

# ଦୁର୍ଘଟଣାଗ୍ରସ୍ତ ଗାଈଗୋରୁଙ୍କ ପାଇଁ ଗୋ ଆମ୍ବୁଲାନ୍ସ ବ୍ୟବସ୍ଥା ପ୍ରଚଳନ କରାଯାଉ

**ବରଗଡ଼, ୨୧।୬(ସମିସ):** ବରଗଡ଼ ସହରରେ ବୁଲୁଥିବା ଗାଈଗୋରୁଙ୍କ ସୁରକ୍ଷା ନେଇ ଉଦବେଗ ପ୍ରକାଶ କରିଛି ବଜରଙ୍ଗ ଦଳ। ବୁଲା ଗୋରୁଗାଈଙ୍କ ସୁରକ୍ଷା ତଥା ରକ୍ଷଣାବେକ୍ଷଣ ସହ ବିଭିନ୍ନ ଦାବି ନେଇ ବଜରଙ୍ଗ ଦଳ ତରଫରୁ ଶୁକ୍ରବାର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୌର ପରିଷଦ ଦ୍ୱାରା ପରିଚାଳିତ କାଞ୍ଜି ହାଉସର ସୁପରିଚାଳନା ସହ ଦିବାରାତ୍ର ଜଗୁଆଳି ରଖାଯିବା, କାଞ୍ଜି ହାଉସରେ ଗାଈଗୋରୁଙ୍କ ପାଇଁ ଗୋଖାଦ୍ୟ, ଘାସ, ପାଣି ତଥା ବିଜୁଳି ବ୍ୟବସ୍ଥା, ସହରରେ ବିଚରଣ କରୁଥିବା ଗାଈଗୋରୁଙ୍କୁ କାଞ୍ଜି ହାଉସରେ ନିଷ୍କାର ସହିତ ରଖାଯିବା, ଆନ୍ତଃରାଜ୍ୟ ଗୋଚାଲାଣ ରୋକିବା ପାଇଁ କଡ଼ା ଆଇନ ପ୍ରଣୟନ ତଥା ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ପଦକ୍ଷେପ, ରୋଗୀଣା ତଥା ଦୁର୍ଘଟଣାଗ୍ରସ୍ତ ଗାଈଗୋରୁଙ୍କ ପାଇଁ ଗୋ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ବଜରଙ୍ଗ ଦଳର ସଞ୍ଜୀବ କୁମାର ମେହେରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଭାଗୀୟ ଅଧିକାରୀଙ୍କ ସହ କୃଷକ ସଂଗଠନର ଆଲୋଚନା

**ବରଗଡ଼, ୨୧।୬(ସମିସ)**

କେନାଲ ପାଣି ଯୋଗାଣରେ ହେଉଥିବା ବିଭିନ୍ନ ସମସ୍ୟା ନେଇ କୃଷକ ସଂଗଠନ ତରଫରୁ ବରଗଡ଼ରେ ବିଭାଗୀୟଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ କେନାଲ ବିଭାଗ, କୃଷକ ସଙ୍ଗଠନ ଓ ପାଣିପଞ୍ଚାୟତ କର୍ମକର୍ତ୍ତା ମାନଙ୍କ ସହିତ ପାଣି ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ ଏହି ବୈଠକରେ ବସନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ।

## ଜଳ ଆବଣ୍ଟନ ସମସ୍ୟା

କୃଷକ ସଂଗଠନ ପକ୍ଷରୁ କେନାଲ ପାଣି ପରିଚାଳନାରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଶେଷ କରି ଶେଷ ମୁଣ୍ଡ ପର୍ଯ୍ୟନ୍ତ କେନାଲ ପାଣି ପହଞ୍ଚାଇବା, ପାଣି ରୋଟେସନ, କ୍ରସବନ୍ଦ ଦେବା, କେନାଲ ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ, କେନାଲକୁ ଡ୍ରେନ ଭାବେ ବ୍ୟବହାର ବନ୍ଦ କରିବା ତଥା କେନାଲ ମରାମତି ନାଁ ରେ କୋଟି କୋଟି ଟଙ୍କା ଦୁର୍ନୀତି ଆଦି ପ୍ରସଙ୍ଗ ଉପସ୍ଥାପନା କରାଯାଇ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଥିଲା। ଦୀର୍ଘତମ ନଦୀବନ୍ଧ ହୀରାକୁଦ ଜଳଭଣ୍ଡାରର ଜିରୋ ପଏଣ୍ଟ ଠାରୁ ବରଗଡ଼ କେନାଲ ବାହାରିଛି। ଏହି କେନାଲ ପାଣିରେ ଅତାବିରା, ଭେଡେନ, ବରଗଡ଼, ବରପାଲି ସମେତ ସୋନପୁରର ଡୁଙ୍ଗୁରିପାଲି ବ୍ଲକର ଜମି ଜଳସେଚିତ ହୋଇଥାଏ। ପରିଚାଳନା ଦୃଷ୍ଟିରୁ ଜିରୋ ପଏଣ୍ଟ ଠାରୁ ବୁର୍ଲା କେନାଲ ଡିଭିଜନରେ ଥିବା ବେଳେ ବରଗଡ଼ ବେହେରା ଠାରୁ ବରଗଡ଼ ଡିଭିଜନ ବରଗଡ଼ ଓ ଭେଡେନର କିଛି ଅଂଶ ଏବଂ ବରପାଲି ଡିଭିଜନରେ ବରପାଲି, ଡୁଙ୍ଗୁରିପାଲି ଏବଂ





ଭେଡେନର କିଛି ଅଂଶ ପରିଚାଳିତ ହେଉଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅଦୂରଦର୍ଶିତା ଯୋଗୁଁ ଶେଷ ମୁଣ୍ଡରେ ଚାଷୀମାନେ ଠିକ ଭାବେ ପାଣି ପାଇ ପାରୁ ନଥିବା ଅଭିଯୋଗ ହୋଇଛି। ଏହି ବୈଠକରେ ବୁର୍ଲା ଡିଭିଜନରୁ ଏସଇ ପିକେ ସାମଲ, ବରଗଡ଼ ଡିଭିଜନରୁ ଏସ୍ଇ ମଦନ ମୋହନ ମହାନ୍ତି, ଏସଡିଓ ଅତାବିରା ଦିବ୍ୟକିଶୋର କୌର, ଗୋଡ଼ଭଗାରୁ ଅମିତ କୁମାର ଭିତରିଆ, ବୁର୍ଲାରୁ ଶୁଭମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀମାନେ କେନାଲ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁରୀ ହେଉ ନାହିଁ ଏବଂ ମଞ୍ଜୁରୀ ହେଉଥିବା ଟଙ୍କା ମଧ୍ୟ କେନାଲରେ ପାଣି ଆସିବା ସମୟରେ ଆସୁଥିବା ଯୋଗୁଁ ଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରୁନାହିଁ ବୋଲି କହିଥିଲେ। ସେଥିପାଇଁ ଠିକ ସମୟରେ କେନାଲ ପାଣି ଛାଡ଼ିବା ଏବଂ ବନ୍ଦ କରିବା ସମୟ ସ୍ଥିର ହେଲେ ଠିକାଦାର କାମ କରିବା ପାଇଁ ସମୟ ପାଇବେ। ଯଦି କେନାଲ ଶେଷମୁଣ୍ଡ ପର୍ଯ୍ୟନ୍ତ କଂକ୍ରିଟ ହୋଇ ଗଲେ ପାଣି ସମସ୍ୟା ପ୍ରାୟ ସମାଧାନ ହେବ ବୋଲି ବିଭାଗୀୟ ଅଧିକାରୀ ମାନେ ପ୍ରକାଶ କରିଥିଲେ। ବରଗଡ଼ କେନାଲରୁ ଗଙ୍ଗାଧର ମେହେର ଉଠା ଜଳସେଚନ ବ୍ୟବସ୍ଥାରେ ବରଗଡ଼ କେନାଲ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି। ଚଳିତ ଖରିଫ ଋତୁ ପାଇଁ ଆସନ୍ତା ଜୁଲାଇ ୧ ତାରିଖରୁ କେନାଲ ପାଣି ଛାଡ଼ଯିବ ବୋଲି କହିଥିଲେ। ଆଲୋଚନାରେ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ଉପେନ୍ଦ୍ର ଭୋଇ, ଭେଡେନ କୃଷକ ସଂଗଠନର ସୁଦାମ ପାତ୍ର, ଓଡ଼ିଶା ରାଜ୍ୟ କୃଷକ ସଂଗଠନ ବୀରେନ୍ଦ୍ର କର, ବରପାଲି ଆଞ୍ଚଳିକ କୃଷକ ସଂଗଠନ କାରଣେ ସାହୁ, ତପନ ମିଶ୍ର, ନିରଞ୍ଜନ ପଧାନ, ସୁରେଶ ନିକେଷ୍ଟି, ଏକାଦସିଆ ସାହୁ, ପ୍ରଶାନ୍ତ ସାହୁ ଏବଂ ଡୁଙ୍ଗୁରିପାଲିରୁ ସୁଶାନ୍ତ ସାହୁ ଆଲୋଚନାରେ ଭାଗ ନେଇଥିଲେ। ବରଗଡ଼ ଡିଭିଜନର ପାଣି ପଞ୍ଚାୟତ ସମିତି ସଦସ୍ୟ ଓ କୃଷକ ମାନେ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ନିଜ ନିଜ ସମସ୍ୟା ଉପସ୍ଥାପନା କରିଥିଲେ।

**ବରଗଡ଼ରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ**

# ଯୋଗାସନରେ ବରଗଡ଼ ଜିଲ୍ଲା







**ବରଗଡ଼, ୨୧।୬(ସମିସ)**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ରାଣା ପ୍ରତାପ ହାଇସ୍କୁଲ ନିକଟସ୍ଥ ନିକଟସ୍ତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ସାମୂହିକ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦେଇ ଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଶିବିରରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ଉପ ଜିଲ୍ଲାପାଳ କୁମାର ନାଗଭୂଷଣ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛେତ୍ରୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ଶିବିରକୁ ପରିଚଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସରକାରୀ/ବେସରକାରୀ ସଂସ୍ଥାର କର୍ମଚାରୀ, ସାମ୍ବାଦିକ ତଥା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ମନ୍ତ୍ର ଉଚ୍ଚାରଣ ପରେ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ପଦ୍ମାସନ, ତାଡ଼ାସନ, ଭୁଜଙ୍ଗାସନ ଓ ସୂର୍ଯ୍ୟ ନମସ୍କାର ଭଳି ବିଭିନ୍ନ ଯୋଗସନ କରାଯାଇ ଏହି ଯୋଗାସନ ଆମ ଶରୀର ପାଇଁ କେତେ ଉପାଦେୟ ସୂଚନା ଦିଆଯାଇଥିଲା। ପରିଶେଷରେ ସ୍ଥାନୀୟ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ଯୋଗ ଶିବିରରେ ଯୋଗ ଦେଇଥିବାରୁ ସେମାନଙ୍କୁ ପୁରସ୍କୃତ କରିବା ସହ ସବୁଦିନ ଯୋଗ କରିବା ପାଇଁ ସାମୁହିକ ଶପଥପାଠ କରାଯାଇଥିଲା।

## ମେଲଛାମୁଣ୍ଡା

ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଶିବିର ଅଧ୍ୟକ୍ଷ ଡ. ସରୋଜ କୁମାର ଦାସଙ୍କ ସଭାପତିତ୍ୱରେ ଓ ସଂସ୍କୃତ ଅଧ୍ୟାପକ ମହେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ୬୮ ଜଣ ଛାତ୍ରଛାତ୍ରୀଙ୍କୁ ନେଇଁ ଯୋଗ ଓ ପ୍ରାଣାୟାମ ପ୍ରଶିକ୍ଷଣ କରାଇଥିଲେ। ଅଧ୍ୟାପକ ଡ. ପ୍ରଦୀପ କୁମାର ପ୍ରଧାନ, ଅଧ୍ୟାପକ ଭୂପତି କାଲୋ ଓ ଅଧ୍ୟାପକ ସୁଶାନ୍ତ କୁମାର ନାୟକ ଯୋଗାଭ୍ୟାସର ମହତ୍ୱ ବର୍ଣ୍ଣନା ଦେଇଥିଲେ।

## ରାଣାପ୍ରତାପ ସ୍କୁଲ

ବରଗଡ଼ ରାଣା ପ୍ରତାପ ସ୍କୁଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୂଦୀପ କୁମାର ରଥ ଯୋଗର ମହତ୍ୱ ଉପରେ କହି ଛାତ୍ରଛାତ୍ରୀ ପ୍ରତ୍ୟହ ଯୋଗାଭ୍ୟାସ କରିବା ଉଚିତ୍ ବୋଲି ମତ ବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ ଓ ସୁନୀତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ଜ୍ୟୋତି ବେହେରା, ଗୀତା ଜାଲ, ତପସ୍ୱିନୀ ତ୍ରିପାଠୀ, ବବିତା ନାଏକ, ନନ୍ଦିତା ସାହୁ, ସଂଜ୍ଞା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶିକ୍ଷାନୁଷ୍ଠାନରେ ଯୋଗ ଦିବସ

ବରପାଲି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଯାଇଛି। କଦଳିପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ଆୟୋଜିତ ହୋଇଥିଲା। ରେଡ଼କ୍ରସ, ଏନଏସଏସ ଓ ପତଞ୍ଜଳି ଯୋଗଶିବିରର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ଛାତ୍ରୀ ମାନଙ୍କୁ ସୁସ୍ଥ ଜୀବନ ଓ ଯୋଗର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପତଞ୍ଜଳୀ ଯୋଗଗୁରୁ ଉତ୍ତର ସାହୁ, ଜିଲ୍ଲା ପ୍ରଭାରୀ ନବୀନ ତ୍ରିପାଠୀ, ବାଳକୃଷ୍ଣ ପୁଝାରୀ, ତହସିଲ ପ୍ରଭାରୀ, ବୈଜୟନ୍ତି ପୁଝାରୀ, ମହିଳା ତହସିଲ ପ୍ରଭାରୀ ପ୍ରମୁଖ ସ୍ୱେଚ୍ଛାସେବୀ ଛାତ୍ରୀ ମାନଙ୍କୁ ଯୋଗର ପ୍ରଣାଳୀ ସହ ବ୍ୟବହାରିକ ଜ୍ଞାନ ପ୍ରଦାନ କରିଥିଲେ। ଏଥିରେ ପ୍ରତିମା ପଣ୍ଡା, ଝରଣା ରାଉତ, ସୁରେଖା ପଟ୍ଟନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ସାମିଲ ହୋଇଥିଲେ। ବରପାଲି ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ଯୋଗ ଶିବିର ପରିଚାଳିତ ହୋଇଥିଲା। ଏନ୍. ଏସ୍. ଏସ୍. ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଓ ଅଧ୍ୟାପିକା ସୀମାଞ୍ଜଳୀ ଦାସ ସଂଯୋଜନା କରିଥିଲେ। ଯୋଗଗୁରୁ ଗୋବିନ୍ଦ ବାରିକ ଯୋଗାଭ୍ୟାସ କରାଇଥିଲେ। ଅଧ୍ୟାପକ ଅଲେଖ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ସୁଶୀଲ କୁମାର ଶତପଥୀ, ମମତା ସାହୁ, ଧୀରୋଜ କୁମାର ତ୍ରିପାଠୀ, ଉତ୍ତର ଗଡ଼ତିଆ, ଡ. ପାରେଶ୍ୱର ସାହୁ, ଡ. ପ୍ରହଲ୍ଲାଦ ଦେବତା, ଡ. ଭଗବାନ ମହାନନ୍ଦ, ଅଶୋକ ପଧାନ, ବିଶ୍ୱନାଥ ସାହୁ, ଅରୁଣ କୁମାର ବାରିକ, ଡ. ବାଳକୃଷ୍ଣ ପଟେଲ, ଡ. ସୀମାଞ୍ଚଳ ପଧାନ, ମନିଷା ଦାଶ, ନତାଶା ସିକନ୍ଦର, ଦେବଙ୍ଗିନୀ ସାହୁ, ସମ୍ବିତା ପ୍ରଧାନ, ନିଲମ୍ ଦେବତା, ଅନିତା ଦାଶ, ଅଞ୍ଜନା ଭୋଇ, ସୀମା ଭୋଇ, ଆଦ୍ୟାଶା ଭୋଇ, ସମୀକ୍ଷା ସାହୁ, ମୋନିକା ପ୍ରଧାନ, ସୁନୀଲ ଦାଶ, ସୁମନ୍ତ ଶତପଥୀ, ରାଜେନ୍ଦ୍ର ମେହେର, କାହ୍ନୁ ମେହେର, ବିଜୟ ମିଶ୍ର, ଗଣେଶ ମିଶ୍ର, ରଞ୍ଜିତା ମେହେର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତା କରିଥିବା ବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନ ସଂଯୋଜନା କରିଥିଲେ। ସୁରେଶ ବାରିକ, ରବୀନ୍ଦ୍ର ସାହୁ, ଆନନ୍ଦ ବେହେରା ଶିବିରରେ ସହଯୋଗ କରିଥିଲେ।

## ବରଗଡ଼ ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜ

ବରଗଡ଼ ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ.ସରୋଜ କୁମାର ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ବେଲାଲସେନ ସରାଫ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏ ଅବସରରେ ପରିଚାଳନା ସମିତିର ପୂର୍ବତନ ସଭାପତି ସୁରେଶ୍ୱର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁକ୍ତା ସରସ୍ୱତୀ ଶିଶୁ ମନ୍ଦିର

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମନୋଜ ପଟେଲଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ଶିବିରରେ ବେନିଆପାଲି ନିବାସୀ ଆଶିଷ ବାରିକ ଓ ମହେନ୍ଦ୍ର ଦେହେରି ଯୋଗ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୌରଚନ୍ଦ୍ର ପଣ୍ଡା ସଂଯୋଜନା ଓ ବୁଦ୍ଧଦେବ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଭୁକ୍ତା ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟ

ଭୁକ୍ତା ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟରେ ପରିଚାଳନା କମିଟିର ଅଧ୍ୟକ୍ଷ କେଶବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ. ନେପାଳ ପ୍ରଧାନ ପ୍ରତ୍ୟହ ଯୋଗାଭ୍ୟାସ କରି ସୁସ୍ଥ ଜୀବନଯାପନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଯୋଗଗୁରୁ ରାଜୁ ସା ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ଠାକୁରରାମ ପଟେଲ, ଫକୀର ମୋହନ ପଟେଲ, କେଶବ ପ୍ରଧାନ, ଫଗୁଲାଲ ବିଶ୍ୱାଳ, ଛବିଲାଲ ପଟେଲ, ଡ. ଚିନ୍ତାମଣି ପଟେଲ, ଡ. ନେପାଳ ପ୍ରଧାନ, ରୀତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷା କଳ୍ପନା ମିଶ୍ର ନିୟମିତ ଯୋଗାଭ୍ୟାସ ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟାପକ ଦୟାନିଧି ସା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ବରଗଡ଼ ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରତୁଲ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଯୋଗ ଶିକ୍ଷୟିତ୍ରୀ ଅରୁଣା ପଣ୍ଡା, ଖେଳ ଶିକ୍ଷକ ସରୋଜ କୁମାର ଶତପଥୀ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ, ଆସନ, ପ୍ରାଣାୟାମ ଆଦି ଶିକ୍ଷା ଦେବା ସହ ଏହାର ଉପକାରିତା ତଥା ସମାଜରେ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଶପଥପାଠ କରିଥିଲେ।

## ପଞ୍ଚାୟତ ମହାବିଦ୍ୟାଳୟ

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଯୋଗ ଦିବସ ପାଳନ କରାଯାଇଥିଲା। ସକାଳ ୬ ଘଣ୍ଟାରୁ ୮ ଘଣ୍ଟା ପର୍ଯ୍ୟନ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଯୋଗ ଓ ପ୍ରାଣାୟାମ କରିଥିଲେ। ପ୍ରାରମ୍ଭରେ ସରକାରଙ୍କ ପ୍ରାୟୋଜିତ କାର୍ଯକ୍ରମ ସ୍ୱରୂପ ଯୋଗ ଦିବସ ପାଳନ ବିଷୟରେ ଅଧ୍ୟକ୍ଷ ଡକ୍ଟର ନକୁଳ ସେଠ୍ ଓ ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଉଦବୋଧନ ଦେଇଥିଲେ। ପରେ ମହାବିଦ୍ୟାଳୟ କ୍ରିଡ଼ାଶିକ୍ଷକ ତନ୍ମୟ ସାହୁ ଶାରୀରିକ ବ୍ୟାୟାମ କରାଇଥିଲେ ଓ ପରେ ଯୋଗ ଗୁରୁ ମାନେ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ।

## ପାଇକମାଳ

ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ଦେବେନ୍ଦ୍ର ସାହୁ ଏବଂ ଅଧ୍ୟାପକ ଅଙ୍କିତ କୁମାର ଦାସ ବିଭିନ୍ନ ପ୍ରକାର ଆସନ, ପ୍ରଣାୟାମ ଶିକ୍ଷା ଦେଇଥିଲେ। ମୁଖ୍ୟଅତିଥି ପରିଚାଳନା କମିଟିର ସଭାପତି ବିଜୟ କୁମାର ସ୍ୱାଇଁ ଶରୀର ତଥା ମନର ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ମାଣ୍ଡୋସିଲ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ବିଭାଗର ମୁଖ୍ୟ ଡାକ୍ତର ଅନିତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଶିକ୍ଷକ ପିତବାସ ରାଉତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜାତୀୟ ସ୍ୱାସ୍ଥ୍ୟ ଯୋଜନା ଅଧିକାରୀ ଅଧ୍ୟାପକ ସୁମିତାବ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ କୃଷ୍ଣ ଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ନିରାକାର ରାଉତ, ଓଡ଼ିଆ ବିଭାଗ ମୁଖ୍ୟ ସନ୍ତୋଷ ସିଂ ଠାକୁର, ଶିକ୍ଷା ବିଭାଗ ମୁଖ୍ୟ ବିଜୟ କୁମାର ମେହେର, ଅନ୍ୟତମ ଅଧ୍ୟାପକ ପୁଷ୍ପକାନ୍ତ ସାହୁ, ଅଧ୍ୟାପକ ଦେବକାନ୍ତ ନାୟକ, ଅଧ୍ୟାପକ ଅମରେଶ ଠାକୁର, ଅଧ୍ୟାପିକା ସସ୍ମିତା ସରିଆ, ଅଧ୍ୟାପିକା ବବିତା ମଲ୍ଲିକ, ରୋହିତ ପ୍ରଧାନ, ଗୁରୁ ଚରଣ ବଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପାଇକମାଳ ନୃସିଂହନାଥ ମନ୍ଦିର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ଏନେଇ ଅନୁଷ୍ଠିତ ଉଦଘାଟନୀ ସଭାରେ ବିଡିଓ ପ୍ରଫୁଲ୍ଲ କୁମାର ଓଡ୍ଡ ସଭାପତିତ୍ୱ କରିଥିବା ବେଳେ ପଦ୍ମପୁର ଏ ଡି ଏମ ଚୌହାନ କୁମାର ମୋତିରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭକ୍ତ ଚରଣ ସାହୁ, ବ୍ଲକ ଅଧ୍ୟକ୍ଷ ଭାବନା ସିଂ, ସୁରେନ୍ଦ୍ର ପ୍ରତାପ ସିଂ ଯୋଗ ଦେଇଥିଲେ। ଶିକ୍ଷକ ବଡ ଶତପଥି ପରିଚାଳନା କରିଥିଲେ। ଶିକ୍ଷକ ତ୍ରିଲୋଚନ ଭୋଇ, ଭୁବନେଶ୍ୱର ସାହୁ, କନ୍ୟାଗୁରୁକୁଳ ଆଶ୍ରମର ଯୋଗେଶ୍ୱରୀ ପଟେଲ, ସ୍ମୃତି ସାହୁ ଯୋଗଶିକ୍ଷା ଦେଇଥିଲେ।

## ଗୁଦେରପାଲି ଯୁକ୍ତଦୁଇ କଳା ମହାବିଦ୍ୟାଳୟ

ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଯୁକ୍ତଦୁଇ କଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରୀତିଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳିତ ହୋଇଥିଲା। ସୁସ୍ଥ ଶରୀର ପାଇଁ ଯୋଗ ଓ ପ୍ରାଣାୟାମର ଆବଶ୍ୟକତା ଉପରେ ଯୋଗ ବିଶେଷଜ୍ଞ ମାନେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଅଂଶ ଗ୍ରହଣ କରି ଯୋଗଭ୍ୟାସରେ ଅଂଶଗ୍ରହଣ କରିଥିଲେ।

## ଭେଡେନରେ ଯୋଗ ଦିବସ

ଭେଡେନ ରଣଜିତା ଖେଳ ପଡ଼ିଆରେ ବ୍ଲକ ପ୍ରଶାସନ ତରଫରୁ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ପ୍ରିତେଶ ଦୋରା, ଭେଡେନ ତହସିଲଦାର ଗୌରବ ବରଗେ, ଅତିରିକ୍ତ ତହସିଲଦାର ଦେବାନନ୍ଦ ସାହୁ ଯୋଗଦାନ କରିଥିଲେ। ଶିବିରରେ ୩୫୦ଜଣ ପୁରୁଷ ମହିଳା ଯୋଗଦାନ କରି ଯୋଗଭ୍ୟାସ କରିଥିଲେ। ଯୋଗଗୁରୁ ପର୍ଶୁରାମ ମହାକୁର, ମୋହନ ପଧାନ ଯୋଗଦାନ କରି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଭେଡେନ ବ୍ଲକ ଜିପିଓ ସୁଗମ ମିଶ୍ର, ପିଏ ସରୋଜ କୁମାର ମିଶ୍ର, ବଡ଼ବାବୁ ପ୍ରହ୍ଲାଦ ବେସରାଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଏଏଓ, ଡିଇଓ, ବିଡିଓ, ବିଏସଏସଓ, ଏସଡିଓ, ଏଇ, ଜେଇଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପଦ୍ମପୁର ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ

ପଦ୍ମପୁର ମହିଳା ଡିଗ୍ରୀ କଲେଜ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ସଭାପତି ଅଖିଳ ଚନ୍ଦ୍ର ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠ ନୂଆଁପାଲିର ଆଚାର୍ଯ୍ୟ ଅଜିତ ପଧାନ ଓ ସ୍ୱରଜ୍ୟୋତି କନ୍ୟା ଗୁରୁକୁଳ ନୂଆଁପାଲିର ଆଚାର୍ଯ୍ୟା ବରେନ୍ୟା ବାଗ୍ମୀ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ଆଶ୍ରମର ବ୍ରହ୍ମଚାରୀ ଅଭିଷେକ ପଧାନ, ଶୁଭମ୍ ମାଝୀ ଓ ଆକାଶ ଭୋଇ ଯୋଗାସନ ଶିକ୍ଷା ଦେଇଥିଲେ। ଅଧ୍ୟାପିକା ସଙ୍ଗୀତା ଗୌନ୍ତିଆ ମଞ୍ଚ ପରିଚାଳନା କରିଥିଲେ।

## ପୁରେନା ଉଚ୍ଚ ବିଦ୍ୟାଳୟ

ପୁରେନା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରେଣୁଧର ସାହୁଙ୍କ ସଭାପତିତ୍ୱରେ ଯୋଗ ଦିବସ ଅନୁଷ୍ଠିତ ହୋଇଥିଲା। ସୁଦ୍ୟୁମ୍ନ ଆର୍ଯ୍ୟ ଯୋଗାଭ୍ୟାସ କରେଇଥିଲେ। ଶିକ୍ଷକ ପ୍ରମୋଦ ନାଥ, ନନ୍ଦିନୀ ମିଶ୍ର, ଚନ୍ଦ୍ରଭାନୁ ବଡ଼ ଗୁଛିଆ, ସୁରେଶ ପଟେଲ ଅଂଶଗ୍ରହଣ କରିଥିଲେ। ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତାରେ ଯୋଗଦିବସ ପାଳିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଏଥିରେ ଉପସ୍ଥିତ ଥିଲେ।

## ପଦ୍ମପୁରରେ ଯୋଗ ଦିବସ

ପଦ୍ମପୁରର ବିଭିନ୍ନ ପ୍ରତିଷ୍ଠାନରେ ଯୋଗ ଦିବସ ପାଳନ କରାଯାଇଛି। ରାଜାଜୀ ଟାଉନ ହଲରେ ରାଜବୋଡ଼ାସମ୍ବର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ଆନୁକୂଲ୍ୟରେ ଏବଂ ଯୋଗ ମହୋତ୍ସବ ସମିତି ସହଯୋଗରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ଆଲୋକ ପଟେଲ ମୁଖ୍ୟ ଅତିଥି ଓ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନୂଆପାଲି ନବପ୍ରଭାତ ଗୁରୁକୁଳ ଆଶ୍ରମର ବ୍ରହ୍ମଚାରୀମାନେ ଯୋଗାଭ୍ୟାସ କରାଇଥିଲେ। ଦୀର୍ଘ ଦିନ ଯୋଗର ପ୍ରଚାର ପ୍ରସାରରେ ନିଜକୁ ବ୍ରତୀ କରିଥିବା ଯୋଗ ମହୋତ୍ସବ ସମିତି, ବରଗଡ଼ ଜିଲ୍ଲା ସଂଯୋଜକ ମାର୍ତ୍ତଣ୍ଡଦେବ ସାହୁଙ୍କୁ ଉପ ଜିଲ୍ଲାପାଳ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୋଗକୁ ନିଜ ଦୈନିକ ଜୀବନଚର୍ଯ୍ୟାରେ ସାମିଲ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ମହୋତ୍ସବ ସମିତିର ସଭାପତି ପ୍ରଶାନ୍ତ ପଟ୍ଟନାୟକ, ବାଞ୍ଛାନିଧି ପଣ୍ଡା, ଶିରିଶ ବହିଦାର, ରାମଚନ୍ଦ୍ର ତ୍ରିପାଠୀ, ସମାଜସେବୀ ନିରୋଜ ଦୋରା, ଭାସ୍କର ଦାଶ, ଜୟନାରାୟଣ ତ୍ରିପାଠୀ, ଚନ୍ଦ୍ରଶେଖର ପୁରୋହିତ, ଭକ୍ତଚରଣ ସାହୁ, ସୁନୀଲ ଅଗ୍ରୱାଲ, ବୈଦ୍ୟନାଥ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ରୀତେଶ ରଞ୍ଜନ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜବୋରାସମ୍ବର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଏବଂ ମାରବାଡ଼ି ଯୁବାମଞ୍ଚର ସଦସ୍ୟମାନେ ସକ୍ରିୟ ଯୋଗଦାନ କରିଥିଲେ।

## ଭେଡେନ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର

ଭେଡେନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ଚିନ୍ଦ୍ରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବୃନ୍ଦାବନ ଶତପଥୀ ଯୋଗଦାନ କରି ଯୋଗାର ମହତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। ଯୋଗ ଶିକ୍ଷକ ମନମୋହନ ମେଣ୍ଡୁଲୀ ଓ ଦୀଲ୍ଲିପ ପାତ୍ର ଛାତ୍ରଛାତ୍ରୀଙ୍କୁ ଯୋଗଭ୍ୟାସ କରାଇଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

## ଗାଇସିଲେଟ

ଗାଇସିଲେଟରେ ମିନି ଷ୍ଟାଡିୟମ ଠାରେ ବ୍ଲକ ପ୍ରସାଶନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇ ଯାଇଛି। ଗାଇସିଲେଟ ଜିଲ୍ଲା ପରିଷଦ ସଦସ୍ୟା ଝରଣା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠି ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଯୋଗ ଦିବସର ଆଭିମୂଖ୍ୟ ସଂକ୍ରାନ୍ତରେ ଉପସ୍ଥାପନ କରିଥିଲେ। ଯୋଗ ପ୍ରଶିକ୍ଷକ ଗିରିଶ ଚନ୍ଦ୍ର ପଣ୍ଡା ଗାଇସିଲେଟ ଓ କଠଉମାଲର ବାବାଜୀ ପଟେଲ ବିଭିନ୍ନ ପ୍ରକାରର ଯୋଗ, ଆସନ ଓ ପ୍ରାଣାୟାମର ଅଭ୍ୟାସ କରାଇଥିଲେ।

## ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର

ବରଗଡ଼ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରରେ ଯୋଗ ଦିବସ ପାଳିତ ହୋଇଯାଇଛି। ସକାଳ ୭ ଟାରୁ ୮ ଟା ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୋଗ ବିଷୟରେ ଶିକ୍ଷାଦାନ କରାଯାଇଥିଲା। ଆଦାନୀ ଗ୍ରୁପ୍ ପ୍ଲାଣ୍ଟ ହେଡ ସୁକାନ୍ତ ସାମନ୍ତ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀଙ୍କ ସମେତ ପ୍ଲାଣ୍ଟର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ‘ଶରୀରକୁ ସୁସ୍ଥ ରଖେ ଯୋଗ’



**ଦେବଗଡ଼, ୨୧।୬(ସମିସ)**

ଆଜି ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର







ଶୁଭାରମ୍ଭ କରିଥିଲେ। ପରେ ଯୋଗଗୁରୁ ଘନଶ୍ୟାମ ବେହେରା ଯୋଗାଭ୍ୟାସ କରିବା ସହ ଶପଥ ପାଠ କରାଇଥିଲେ। ମଞ୍ଚାସୀନ ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ୍, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଯୋଗଗୁରୁ ଘନଶ୍ୟାମ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନିତା ନାୟକ, ରଜନୀ କୁଅଁର, କିତ୍ତୀ ସୋରେନ୍, ଚିନୁ ଅଶାନ୍ତ ଓ ନମିତା ନାୟକଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ସାମ୍ବାଦିକ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡା ମଙ୍ଗଳବଜାର ଅଡିଟୋରିୟମରେ ଆଜି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ରାଜ୍ୟ କ୍ୟାବିନେଟ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ, ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ ତଥା ଝାରସୁଗୁଡାବାସୀ ଉପସ୍ଥିତ ଥିଲେ। ଏହି ଶିବିରରେ ବିଭିନ୍ନ ପ୍ରକାର ଯୋଗ କରିବାସହ ଯୋଗ ଦ୍ୱାରା କିପରି ଲୋକେ ନିରୋଗ ରହି ପାରିବେ ସେ ବିଷୟରେ ଅବଗତ କରାଯାଇଛି। ଭାରତର ଏହି ବୈଦିକ ପରମ୍ପରାକୁ ଆଜି ସାରା ବିଶ୍ୱବାସୀ ପାଳନ କରୁଛନ୍ତି। ଯାହା ଆମ ପାଇଁ ଗୌରବର ବିଷୟ ବୋଲି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିପରି ଝାରସୁଗୁଡ଼ା ମହିଳା ମହାବଦ୍ୟାଳୟରେ ଅଧ୍ୟକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇ ଯାଇଛି। ଓଡ଼ିଆ ବିଭାଗର ମୁଖ୍ୟା ଅଧ୍ୟାପିକା କଲ୍ୟାଣୀ ମିଶ୍ର ସଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଯୋଗ ପ୍ରଶିକ୍ଷକ ବିଜନ ମହାପାତ୍ର। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ନିଜର ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସହଯୋଗୀ କର୍ମଚାରୀ ଯୋଗଦେଇଥିଲେ।

**ଝାରସୁଗୁଡ଼ା :** ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ସ୍ଥାନୀୟ ଜୁବିଲି ହଲଠାରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଟିଆରଏଲ କ୍ରୋସାକି ଡାକ୍ତରଖାନାର ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ ଯୋଗଦେଇ ମଣିଷ ସମାଜରେ ଯୋଗ ଅଭ୍ୟାସର ଆବଶ୍ୟକତା ଓ ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ସମ୍ବଲପୁର ଭାରତୀୟ ଯୋଗ ସଂସ୍ଥାର ବିଶିଷ୍ଟ ଯୋଗ ଗୁରୁ ପ୍ରାଣବନ୍ଧୁ ବେହେରା ଯୋଗଦେଇ ଯୋଗ ଅଭ୍ୟାସ କରାଇଥିବା ବେଳେ ସୋମନାଥ ପାଣିଗ୍ରାହୀ, ବାବୁଲୁ ବିଶ୍ୱାଳ ଓ ଶିବାନୀ ତାଣ୍ଡୀ ସହଯୋଗ କରିଥିଲେ। ସହରର ବୁଦ୍ଧିଜୀବୀଙ୍କ ମଧ୍ୟରେ କହ୍ନେଇ ଚରଣ ସେଠ, ବିଭୀଷଣ ରାଉତ, ଯୁଧିଷ୍ଠିର ମୁଖୀ, ଶକୁନ୍ତଳା ମହନ୍ତ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସଚ୍ଚିଦାନନ୍ଦ ପଣ୍ଡା, ପ୍ରମୋଦ ସେନାପତି, ତପନକାନ୍ତ ଜେନା, ପ୍ରଚଣ୍ଡ ଜୟସ୍ୱାଲ, ଜେନାମଣି ସେଠ, ଦୁର୍ଗା ପ୍ରସାଦ ପ୍ରଧାନ, ଗଣେଶ ଅଗ୍ରୱାଲ, ରଞ୍ଜିତା ବିଶ୍ୱାଳ, ରୁବୀ ସିଂ, ବବିତା ପଟ୍ଟନାୟକ ପ୍ରମୁଖ ସାମିଲ ରହିଥିଲେ। ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଡ଼ା. ସନ୍ତୋଷ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶେଷରେ ଶଶାଙ୍କ ଦିକ୍ଷୀତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଟିଆରଏଲ କ୍ରୋସାକିର ଅଧିକାରୀଙ୍କ ମଧ୍ୟରେ ଡ଼ା. ସନ୍ତୋଷ ମିଶ୍ର, ପ୍ରଫୁଲ୍ଲ ରଥ, ସଞ୍ଜୟ ଦିକ୍ଷୀତ, ଶଶାଙ୍କ ଦିକ୍ଷୀତ, ଦୁଷ୍ମନ୍ତ ରାଉତ, ଦୀପକ ସାହୁ, ସୁଧାଂଶୁ ରାଉତ, ସୁଜାତା ଦାଶ, ଅନିରୁଦ୍ଧ ମିଶ୍ର, ବ୍ରଜବନ୍ଧୁ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

### ମିଶନ ଆଶ୍ରା

**ଝାରସୁଗୁଡା :** ପିପୁଲସ୍ ଫୋରମ ଓ ବେଦାନ୍ତ କମ୍ପାନୀର ମିଳିତ ସହଯୋଗରେ ଏଚ୍ କଟାପାଲିସ୍ଥିତ ମିଶନ ଆଶ୍ରା ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ବେଦାନ୍ତ କମ୍ପାନୀର ସିଏସ୍ଆର ପକ୍ଷରୁ ଯୋଗ ଗୁରୁ ଅଞ୍ଜିତ ପଟେଲଙ୍କ ଦ୍ୱାରା ଏକ ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା। ଚଳିତବର୍ଷର ବିଷୟ ବସ୍ତୁ ମହିଳା ସଶସ୍ତୀକରଣକୁ ପ୍ରାଧାନ୍ୟ ଦେବାକୁ ଯାଇ ମିଶନ ଆଶ୍ରାର ଶତାଧିକ ମହିଳା ଅନ୍ତେବାସୀ ଏବଂ ମହିଳା କର୍ମଚାରୀ ମାନେ ସମ୍ପୃକ୍ତ ଥିଲେ। ଯୋଗ ହେଉଛି ଏକ ଶାରୀରିକ, ମାନସିକ, ଏବଂ ଆଧ୍ୟାତ୍ମିକ ଅଭ୍ୟାସ ଯାହା ଶରୀରରେ ପ୍ରାକୃତିକ ସହନଶୀଳତାକୁ ବଢ଼ାଇଥାଏ। ଏହି ଅଧିବେଶନରେ ବେଦାନ୍ତ ସି ଏସ ଆର ମୁଖ୍ୟ ସୁଭାଶିଷ ଦାସ ଓ ଅନ୍ୟ ମାନଙ୍କ ମଧ୍ୟରେ ଅମୀୟ ସାହୁ, ସୌମ୍ୟା ପୋଖରିଆଲ, ମଞ୍ଜରୀ ବେଲସରେ, ବନମାଳୀ ଓରାମ, ଭ୍ରାମ୍ୟମାଣ ସ୍ୱାସ୍ଥ ସେବା ଦଳ, ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପିପୁଲସ ଫୋରମ ଝାରସୁଗୁଡାର ସମସ୍ତ କେନ୍ଦ୍ର ର କର୍ମଚାରୀ ମାନେ ଯୋଗ ଶିବିର କାର୍ଯକ୍ରମ କୁ ପରିଚାଳନା କରିଥିଲେ।

### ବ୍ରଜରାଜନଗର ମହାବିଦ୍ୟାଳୟ

**ବ୍ରଜରାଜନଗର :** ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ବରିଷ୍ଠ ଯୋଗ ଶିକ୍ଷକ ପ୍ରଶାନ୍ତ ପାଲଟାସିଂ ମୁଖ୍ୟ ଅତିଥି ଏବଂ ଯୋଗ ଶିକ୍ଷିକା ବର୍ଷା ସିଂ, ସସ୍ମିତା ନାୟକ ତଥା ସ୍ମିତା ରୁଙ୍ଗଟା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନା (ଏନ୍ଏସ୍ଏସ୍) ବିଭାଗ ପକ୍ଷରୁ ଆୟୋଜିତ ଆଜିର ଯୋଗ ଦିବସ କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିକ୍ରମ ପ୍ରଧାନ ତଥା ଅଧ୍ୟାପିକା ଡ. ରତ୍ନପର୍ଣ୍ଣା ମହାନ୍ତି ସଂଯୋଜନା କରିଥିଲେ। ପଦ୍ମାବତୀ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ବରିଷ୍ଠ ପ୍ରାଧ୍ୟାପକ ଡ. ଜୟନ୍ତ ମିଶ୍ର, ବିଜୟ କୁମାର ସାହୁ, ଅଧ୍ୟାପକ ବିକାଶ ନାୟକ ବରିଷ୍ଠ ଅଧ୍ୟାପିକା ଲଳିତା ପ୍ରଧାନ, ପୁଷ୍ପାଞ୍ଜଳି ସାହୁ, ଦୀପିକା କେରକେଟ୍ଟା, ଏନଏନ୍ନନ୍ଦ, ଶ୍ୟାମା ଯାଦବଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ବିବାହ ପାଇଁ ରାଜି ନ ହେବାରୁ ପ୍ରତିଶୋଧ

# ଯୁବତୀଙ୍କୁ କାର୍‌ରେ ଉଠାଇନେଲେ ହୋମଗାର୍ଡ

**ଦେବଗଡ଼, ୨୧।୬(ସମିସ):** ସାତ ବର୍ଷ ପ୍ରେମ ପରେ ମଧ ବିବାହ ପାଇଁ ରାଜି ନହେବାରୁ ମଙ୍ଗୁଳା କନ୍ୟାକୁ ବଜାର ଯିବା ରାସ୍ତାରୁ ବଳପୂର୍ବକ ଉଠାଇ ନେଲା ପ୍ରେମିକ ହୋମଗାର୍ଡ। କୁଣ୍ଡେଇଗୋଳା ଥାନାରେ ଏଭଳି ଅଭିଯୋଗ ହୋଇଥିବା ବେଳେ ଅଭିଯୁକ୍ତ ହୋମଗାର୍ଡ ସେହି ଥାନାରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଫଳରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀ।

### ଥାନାରେ ମାମଲା; ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ଆଶଙ୍କାରେ ଅଭିଯୋଗକାରୀ



ସୂଚନା ଅନୁଯାୟୀ, କୁଣ୍ଡେଇଗୋଳା ଥାନାରେ କାର୍ଯ୍ୟରତ ହୋମଗାର୍ଡ ବୁଲୁ ଦାସ, ଖଇରପାଲି ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରାୟ ୭ ବର୍ଷ ଧରି ପ୍ରେମ ସମ୍ପର୍କ ରଖି ଆସିଥିଲେ। ମାତ୍ର ଆସନ୍ତା ୩ ତାରିଖ ଦିନ ଉକ୍ତ ଯୁବତୀଙ୍କ ବିବାହ ରିଆମାଳ ଥାନାଞ୍ଚଳର ଜଣେ ଯୁବକଙ୍କ ସହ ସ୍ଥିର ହୋଇଥିବା ବେଳେ ବୁଲୁ ଏହାକୁ ବିରୋଧ କରୁଥିଲା। ମାତ୍ର ଯୁବତୀ ଜଣକ ବୁଲୁ ସହ ବିବାହ ପାଇଁ ରାଜି ନଥିବାରୁ ବୁଲୁ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲା। ତେବେ କୁଣ୍ଡେଇଗୋଳା ଗ୍ରାମରେ ଉକ୍ତ ଯୁବତୀଙ୍କ ଭିଣୋଇ ରହୁଥିବାରୁ ସେ ପ୍ରଥା ଅନୁଯାଇ ବିବାହ ପୂର୍ବରୁ ତାଙ୍କୁ ପିଠା ଖୁଆଇବାକୁ ନିଜ ଘରକୁ ଡାକି ଆଣିଥିଲେ। ସେହିପରି ଉକ୍ତ ଯୁବତୀଙ୍କ ପାଇଁ ଏକ ଗ୍ୟାସ ଚୁଲା କିଣିବା ଉଦ୍ଦେଶ୍ୟରେ ଗତକାଲି ପୂର୍ବାହ୍ନରେ କୁଣ୍ଡେଇଗୋଳା ଗ୍ୟାସ ଦୋକାନକୁ ଯିବା ସମୟରେ ରାସ୍ତାରୁ ଏକ କାର୍‌ରେ ବୁଲୁ ବଳପୂର୍ବକ ଯୁବତୀଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲା। ଏ ନେଇ ଯୁବତୀଙ୍କ ଭିଣୋଇ କୁଣ୍ଡେଇଗୋଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଖବର ଲେଖା ହେବା ସୁଦ୍ଧା ଉକ୍ତ ହୋମଗାର୍ଡଙ୍କୁ ପୁଲିସ ଠାବ କରିପାରି ନାହିଁ।

# ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଝାରସୁଗୁଡା, ୨୧।୬(ସମିସ) :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଆଇ ଏ ଏସ୍ ପ୍ରବେଶନର ସର୍ବାନନ ସି. ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଲୋକମାନଙ୍କ ସମସ୍ୟାକୁ ଠିକ ଭାବରେ ଶୁଣିବା ଓ ସେ ସବୁର ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ହୀରାକୁଦ ବାସଚ୍ୟୁତ ଲୋକମାନଙ୍କୁ ପଟ୍ଟା ପ୍ରଦାନ ସହ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ଜମି ଦଖଲ ଦିଆଯିବା, ତହସିଲରୁ ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଭିନ୍ନ ସାର୍ଟିଫିକେଟ ପ୍ରଦାନ, ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା, ସାଧାରଣ ଲୋକଙ୍କ ଅବଗତି ସକାଶେ ପ୍ରକଳ୍ପ ଆରମ୍ଭ, ଶେଷ ଓ ପ୍ରକଳ୍ପ ଖର୍ଚ୍ଚ ଅଟକଳ ସମ୍ପର୍କିତ ସୂଚନା ଫଳକ ଲଗାଇବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ସ୍ୱାଧୀନତା ସଂଗ୍ରାମୀ ଅଞ୍ଜୋର ସିଂଙ୍କ ସହିଦ ଦିବସ ପାଳିତ



**ଲଖନପୁର, ୨୧।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା କୁଡାବଗା ଗ୍ରାମରେ ଆଜି ସ୍ୱାଧୀନତା ସଂଗ୍ରାମୀ ଅଞ୍ଜୋର ସିଂଙ୍କ ଆଜି ୧୫୫ ତମ ସହିଦ ଦିବସ ପାଳନ କରାଯାଇଛି। ଅଞ୍ଜୋର ସିଂ ବୀର ସୁରେନ୍ଦ୍ର ସାଏଙ୍କ ସେନାର ଜଣେ ଅନନ୍ୟ ବୀର ତଥା ସୁରେନ୍ଦ୍ରଙ୍କ ଅସ୍ତ୍ରାଗାର ଦାୟିତ୍ୱ ସମ୍ଭାଳିଥିଲେ। ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଇଂରେଜ ମାନଙ୍କ ଦ୍ୱାରା ଗିରଫ ହୋଇ ସମ୍ବଲପୁର ଜେଲ୍‌ରେ ୧୮୬୦ ଜୁନ୍ ୨୧ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ବୀରତ୍ୱ ପାଇଁ ଅଞ୍ଚଳ ଗୌରବାନ୍ୱିତ ହୋଇଛି। ତେଣୁ ତାଙ୍କର ସ୍ମୃତି କିପରି ସବୁଦିନ ବଞ୍ଚି ରହିବ ସେ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ସହିତ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଶରଥ ସିଂ ସଭାପତିତ୍ୱରେ ମୁଖ୍ୟ ଅତିଥି ଦୀପକ ପଣ୍ଡା, ଇତିହାସ ଗବେଷକ, ମୁଖ୍ୟ ବକ୍ତା ସନତ ସିଂ, ପାହାଡ଼ ଶ୍ରୀଗଡ଼ା ହର୍ଜିତ ସିଂ, କେସେଇପାଲି ଜମିଦାର ଲକ୍ଷ୍ମୀ ନାରାୟଣ ସିଂ, ଇଶ୍ୱର ପ୍ରସାଦ ସିଂ, ଶ୍ୟାମ କୁମାର ଭୋଇ, ଡ଼ ପରେସନନ୍ଦ ଦାନୀ ଓଡ଼ିଶା ସଂସ୍କୃତି ଗବେଷକ, ମଙ୍ଗଳ ପ୍ରସାଦ ପଧାନ, ବାରପାଲି ଗଉନ୍ତିଆ ପରିବାର ଦଦସ୍ୟ, ରାଜେନ୍ଦ୍ର ପ୍ରସାଦ ସାହୁ, ଉତ୍ତମ ନେଗି, ପୂର୍ବତନ ସରପଞ୍ଚ, ସମାଜସେବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ





**ଝାରସୁଗୁଡ଼ା, ୨୧।୬ (ସମିସ):** ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ ପୂର୍ବକ ବିପଦ ଶଙ୍କୁଳ ସ୍ଥାନର ଅନୁଧ୍ୟାନ ଓ ତତ୍ ସମ୍ପର୍କିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବୈଠକରେ ଯୋଗ ଦେଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ଧନ ଜୀବନର ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ପରାମର୍ଶ ଦେବାସହ ଲୋକାଭିମୁଖୀ ଯୋଜନା ସମୂହର ସୁଫଳ ସମାଜର ତଳସ୍ତରରେ ପହଞ୍ଚାଇବା ପାଇଁ ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କ ମିଳିତ ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିଥିଲେ। ବୈଠକରେ ଯୋଗଦେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଜନାଗୁଡ଼ିକ ଶେଷ କରିବା ଓ ଲୋକମାନଙ୍କୁ ସେବା ଯୋଗାଇ ଦେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ବିଭିନ୍ନ ବିଭାଗଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ ଡି ପି ଓ ସୁଶାନ୍ତ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପାଳିକା ନିର୍ବାହୀ ଅଧିକାରୀଙ୍କ ସମେତ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ‘ଓଡ଼ିଶା-ମୋ ପରିବାର’ ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ଼, ୨୧।୬(ସମିସ):** ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ବାରକୋଟସ୍ଥିତ କାଳୀପୂଜା ମଣ୍ଡପରେ ‘ଓଡ଼ିଶା-ମୋ ପରିବାର, ଜୀବନ ବିନ୍ଦୁ’ ଦେବଗଡ଼ ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ବ୍ଲଡ୍‌ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ୩୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ‘ଓଡ଼ିଶା-ମୋ ପରିବାର, ଜୀବନ ବିନ୍ଦୁ’ର ସଂଯୋଜକ ତଥା ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ଶିବିରରେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ବ୍ଲକ ଯୁବ ସଭାପତି ସିକୁନ ପ୍ରଧାନ, ଝାଡ଼େଶ୍ୱର ପ୍ରଧାନ, ମନୋଜ ପ୍ରଧାନ, ସିମୁନ ମହାପାତ୍ର, କୁତାର୍ଥ ସାହୁ ପ୍ରମୁଖଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।



## ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ

# ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଦେବଗଡ଼, ୨୧।୬(ସମିସ):** ଆଜି ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ତୃତୀୟ ଶ୍ରାଦ୍ଧଦିବସ ଅବସରରେ ଶ୍ରେଷ୍ଠ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁନାମୁଣ୍ଡାସ୍ଥିତ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବରିଷ୍ଠ ଆଡଭୋକେଟ ତଥା ସଦସ୍ୟ ବିଭୂତି ଗଙ୍ଗଦେବ, ଅଶୋକ କୁମାର ଦେବ ଓ ପୂର୍ବତନ ସମ୍ପାଦକ ଜୟନ୍ତ ସାହୁ ଯୋଗଦେଇ ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଏବଂ ହରପ୍ରସାଦ ନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଦ୍ୟାଳୟ ପ୍ରତିଷ୍ଠାରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଜିତ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅନିତା ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମୁକୁନ୍ଦ ପ୍ରସାଦ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ନିକଟରେ ଅନୁଷ୍ଠିତ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ସ୍ମୃତିସ୍ମିତା ଦାଶଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।



# ୧୩ଟି ବୁଥ୍‌ର ଇଭିଏମ୍ ଯାଞ୍ଚ ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୨୧।୬(ସମିସ)**

ଝାରସୁଗୁଡ଼ାର ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟିକା ପ୍ରାର୍ଥିନୀ ଦିପାଳୀ ଦାସଙ୍କ ଅଭିଯୋଗ ପରେ ଇଭିଏମ୍ ଯାଞ୍ଚପାଇଁ ଆସିଯାଇଛି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ। ୧୩ ଟି ବୁଥ୍‌ରେ ଯାଞ୍ଚ୍ ହେବ ଇଭିଏମ୍। ୨୦୨୪ ସାଧାରଣ ନିର୍ବାଚନରେ ଝାରସୁଗୁଡା ବିଧାନସଭା ଆସନରୁ ବିଜେଡି ଟିକଟରୁ ଲଢିଥିଲେ ଦୀପାଳି ଦାସ। ବିଜେପିର ଟଙ୍କଧର ତ୍ରିପାଠୀଙ୍କ ଠାରୁ ମାତ୍ର ୧୩୩୩ ଭୋଟରେ ପରାସ୍ତ ହୋଇଥିଲେ ଦୀପାଳି। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ସହ ପୁନଃଗଣତି ପାଇଁ ନିର୍ବାଚନ ଆୟୋଗଙ୍କ ନିକଟରେ ଆବେଦନ କରିଥିଲେ। ଯାହାକୁ ଗ୍ରହଣ କରି ନେଇଛନ୍ତି ନିର୍ବାଚନ ଆୟୋଗ। ଝାରସୁଗୁଡ଼ାର ୧୩ଟି ବୁଥ ଇଭିଏମ୍ ଯାଞ୍ଚ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁନ୍ ୧ରେ ଇସିଆଇ ଆବେଦନ ପ୍ରଣାଳୀ, ଯାଞ୍ଚ ପ୍ରକ୍ରିୟା,



ପ୍ରୋଟୋକଲ ଆଦିକୁ ନେଇ ଏସଓପି ଜାରି କରିଥିଲେ। ନିର୍ବାଚନ ଫଳାଫଳ ପ୍ରକାଶର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କ ତାଲିକା ପ୍ରଦାନର ବ୍ୟବସ୍ଥା ରହିଛି। ହେଲେ ରାଜ୍ୟ ନିର୍ବାଚନ ଆୟୋଗ ଏହାର ଯଥେଷ୍ଟ ପୂର୍ବରୁ ମାନ୍ୟୁଫାକ୍ଚରଙ୍କୁ ଅବଗତ କରାଇ ସାରିଛନ୍ତି। ନିର୍ବାଚନ ଫଳାଫଳ ଘୋଷଣାର ୪୫ ଦିନ ମଧ୍ୟରେ ଅର୍ଥାତ ୧୯ ଜୁଲାଇ ସୁଦ୍ଧା ନିର୍ବାଚନ ପିଟିସନ୍ ଦାୟର କରାଯାଇ ପାରିବ ବୋଲି ପ୍ରାବଧାନ ରହିଛି। ସିଇଓଙ୍କଠାରୁ ନିର୍ବାଚନ ପିଟିସନ ଷ୍ଟାଟସ୍ ସମ୍ପର୍କରେ ଜାଣିବା ପରେ ଦୁଇ ସପ୍ତାହ ମଧ୍ୟରେ ମାନୁଫାକଚର୍ ଇଭିଏମ୍ ଯାଞ୍ଚ ଏବଂ ଭେରିଫିକେସନ୍ ଲାଗି ସମୟ ନିର୍ଦ୍ଧାରଣ କରିବେ। ପିଟିସନ୍ ଷ୍ଟାଟସ୍ ସମ୍ପର୍କରେ ନିଶ୍ଚିତ ହେବା ପରେ ଚାରି ସପ୍ତାହ ମଧ୍ୟରେ ଇଭିଏମ୍‌ର ଯାଞ୍ଚ ଏବଂ ଭେରିଫିକେସନ୍ କରିବେ ବୋଲି ଏଥିରେ ଦର୍ଶାଯାଇଛି। ଏହା ପରେ ଦିପାଳୀଙ୍କ ପିଟିସନ୍‌କୁ ଗ୍ରହଣ କରାଯିବା ପରେ ୧୩ ଟି ଇଭିଏମ୍ ଯାଞ୍ଚ କରିବା ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଇଭିଏମ ଓ ଭିଭିପାଟ ଗୁଡ଼ିକର ଯାଞ୍ଚ କେବେ ହେବ ତାହା ଏ ଯାଏ ସ୍ପଷ୍ଟ ହୋଇନାହିଁ।

# ଏସ୍‌ଏଚ୍‌ଜିକୁ ଆସିଥିବା ଟଙ୍କା ହେର୍‌ଫେର୍ ଅଭିଯୋଗ

**ରେଢ଼ାଖୋଲ, ୨୧।୬(ସମିସ):** ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମ ପଞ୍ଚାୟତ ଗଞ୍ଜାବାହାଳ ଗ୍ରାମର ଏସଏଚଜି ମହିଳାଙ୍କ ପାଇଁ ୬ ମାସରୁ ଆସିଥିବା ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ୪ ଲକ୍ଷ ଟଙ୍କାର ହେରଫେର ହୋଇଥିବା ଅଭିଯୋଗ ହୋଇଛି। ସିଆରପି, ଏମବିକେ ସହିତ ବ୍ୟାଙ୍କ ମିତ୍ର ଗୋଷ୍ଠୀର ରହିଥିବା ସିଏଲଏଫ୍ ଏକାଉଣ୍ଟ ଖାତାରୁ ଟଙ୍କା ଉଠାଇ ନିଜ ବ୍ୟକ୍ତିଗତ ଏକାଉଣ୍ଟ ଖାତାକୁ ନେଇଯାଇଥିବା ଗୋଷ୍ଠୀର ମହିଳା ମାନେ ଅଭିଯୋଗ କରିଛନ୍ତି। ମହିଳା ମାନେ ରାଜ୍ୟ ସରକାର ଜଳ ବିଭାଜିକା ପକ୍ଷରୁ ଆସୁଥିବା ଆର୍ଥିକ ସହାୟତା ଜାଣିବା ପରେ ମଞ୍ଚର ମହିଳାମାନେ ଗୋଷ୍ଠୀ ପରିଚାଳିତ ପାଇଁ ନିଯୁକ୍ତି ପାଇଥିବା ସିଆରପି ପ୍ରେମଲତା ପ୍ରଧାନ, ଏମବିକେ ମାନସୀ ସାହୁ ଏବଂ ବ୍ୟାଙ୍କ ମିତ୍ର ଦୀପ୍ତି ବିଶ୍ୱାଳ ଙ୍କୁ ଏ ବିଷୟରେ କଣ ପାଇଁ ନ ଜଣାଇଲ ବୋଲି ପଚାରିଥିଲେ। କିନ୍ତୁ ସେମାନେ ଜବାବ ରଖିବା ଜାଗାରେ ମହିଳା ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଇ କହିଥିଲେ ଯେ ଏ ଟଙ୍କାରେ ତୁମର କୌଣସି ଅଧିକାର ନାହିଁ। ଏଥିରେ ଅଧିକାରୀ ଓ ଗୋଷ୍ଠୀର ମହିଳା ମାନଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇଥିଲା। ତେଣୁ ସଂଘର ମହିଳା ମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଆସି ଉକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି।



# ବେଦାନ୍ତ ଆଲୁମିନିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ

**ସମ୍ବଲପୁର, ୨୧।୬(ସମିସ)**

ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ କମ୍ପାନି ବେଦାନ୍ତ ଆଲୁମିନିୟମ୍, ଗୋଷ୍ଠି ସଦସ୍ୟମାନଙ୍କ ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଚଳିତ ବର୍ଷର ଥିମ ନିଜ ଓ ସମାଜ ପାଇଁ ଯୋଗ ସହିତ ଅଧିବେଶନଗୁଡ଼ିକ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଇଥିଲା। ବେଦାନ୍ତର କର୍ମଚାରୀମାନଙ୍କ ପରିବାର ତଥା ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ଝାରସୁଗୁଡା ଏହାର ଆଖପାଖରେ ସମ୍ପ୍ରଦାୟର ବିକାଶ ତଥା ସ୍ୱାସ୍ଥ୍ୟ କଲ୍ୟାଣ କ୍ଷେତ୍ରରେ ବିକାଶ ପାଇଁ ବହୁମୁଖୀ ଉଦ୍ୟମ କରିଆସୁଛି। କମ୍ପାନି ପକ୍ଷରୁ ଯୋଗ ଅଧିବେଶନ ଝାରସୁଗୁଡ଼ା ବିମାନବନ୍ଦରରେ ଜିଲ୍ଲା ପ୍ରଶାସନ ଏବଂ ଝାରସୁଗୁଡ଼ାର ରୋଟାରୀ କ୍ଲବ ସହଭାଗିତାରେ ଯୋଗ ସେସନ ମଧ ଆୟୋଜନ କରାଯାଇଥିଲା। ବେଦାନ୍ତ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା, ମହିଳା ଏବଂ ଶିଶୁ ବିକାଶ





ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ହେଲଥ ୟୁନିଟ୍ ମାଧ୍ୟମରେ ୨୭ରୁ ଅଧିକ ଗାଁର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଛି। ସୁନୀଲ ଗୁପ୍ତା, ସିଓଓ ବେଦାନ୍ତ ଆଲୁମିନିୟମ ଏବଂ ସିଇଓ-ବେଦାନ୍ତ ଝାରସୁଗୁଡା କହିଛନ୍ତି ଯେ ଆମେ ସକ୍ରିୟ ତଥା ଅନ୍ତର୍ଭୁକ୍ତ ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସେବାକୁ ପ୍ରାଧାନ୍ୟ ଦେଉଛୁ। ଦୀର୍ଘସ୍ଥାୟୀ ସୁସ୍ଥତା ନିଶ୍ଚିତ କରିବାକୁ ଆମର ପ୍ରତିବଦ୍ଧତାକୁ ସୂଚାଇ, ଆମର ବିବିଧ କାର୍ଯ୍ୟକଳାପ ଯେପରିକି ସମାଜ ପାଇଁ ଯୋଗ ଅଧିବେଶନ ଆୟୋଜନ କରିବା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମହତ୍ୱକୁ ଦର୍ଶାଏ। ବେଦାନ୍ତର ଅବଦାନକୁ ପ୍ରଶଂସା କରି ପିପୁଲ୍ସ ଫରୋମର ସହକାରୀ ଉପ ସଭାପତି ସଞ୍ଜୟ ଜେଟି କହିଛନ୍ତି ୧୦୦ ରୁ ଅଧିକ ଅନ୍ତେବାସୀଙ୍କ ସହ ଯୋଗ ଦିବସ ପାଳନ କରିବା ଏକ ଆକର୍ଷଣୀୟ ଅଧିବେଶନ। ଝାରସୁଗୁଡା ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ କହିଛନ୍ତି ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ବେଦାନ୍ତ ଝାରସୁଗୁଡାର ଉଦ୍ୟମ।

## ■ ବାଇକ୍ ଚୋର ଗ୍ୟାଙ୍ଗକୁ କାବୁକଲା ସଦର ପୁଲିସ

# ୩ ଗିରଫ ସହ ୭ ବାଇକ୍ ଜବତ



**ସମ୍ବଲପୁର, ୨୧।୬(ସମିସ):** ସମ୍ବଲପୁର ସଦର ପୁଲିସ ଆଜି ଏକ ବାଇକ ଚୋର ଗ୍ୟାଙ୍ଗକୁ କାବୁ କରି ଗିରଫ କରିଛି। ୭ଟି ବାଇକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋନପୁର ବିରମହାରାଜପୁର ଥାନ ଅନ୍ତର୍ଗତ ବାଗବର ଗ୍ରାମର ଉମେଶ ଭୋଇ(୨୩), ବୌଦ୍ଧ ଜିଲ୍ଲ କଣ୍ଟାମାଳ ଥାନା ଅଞ୍ଚଳର ଧର୍ମାନନ୍ଦ ବଗର୍ତ୍ତି(୩୫) ଓରଫ ଗମା ଓ ସଦାନନ୍ଦ ମହାକୁଡ(୨୩)। ସେମାନଙ୍କ ପାଖରୁ ବିଭିନ୍ନ କମ୍ପାନିର ୭ଟି ବାଇକ ଜବତ କରିଛି। ସୂଚନା ଅନୁସାରେ ଗତ ୧୬ ତାରିଖ ମାନେଶ୍ୱର ମାର୍କେଟରୁ ଏକ ବାଇକ ଚୋରି ହୋଇଥିଲା। ସଦର ଥାନାରେ ଅଭିଯୋଗ ହେବା ପରେ ପୁଲିସ ସକ୍ରିୟ ଭାବେ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସୋନପୁର ଓ ବୌଦ୍ଧ ଅଞ୍ଚଳରେ ତଦନ୍ତ କରି ଏହି ଗ୍ୟାଙ୍ଗକୁ କାବୁ କରିଥିବା ଥାନାରୁ ସୂଚନା ମିଳିଛି।

# ଉଦ୍ଧାର ନିଖୋଜ ବ୍ୟକ୍ତି ପରିବାର ସହିତ ତେଲଙ୍ଗାନା ଗଲେ

**ବରଗଡ଼, ୨୧।୬( ସମିସ):** ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ ଅନ୍ତର୍ଗତ ଦଶ ମାଇଲ ଅଞ୍ଚଳରେ କିଛି ଦିନ ଧରି ବୁଲୁଥିବା ଜଣେ ୫୫ ବର୍ଷିୟ ଅଜଣା ବ୍ୟକ୍ତିଙ୍କୁ ଦଶ ମାଇଲ ବିକାଶ ପରିଷଦ ଓ ନିଷ୍ଠା ପରିବାର ସଦସ୍ୟ ମାନେ ଉଦ୍ଧାର କରିଥିଲେ। ଏହି ବ୍ୟକ୍ତି ତେଲେଙ୍ଗାନା ରାଜ୍ୟ ୱାରଙ୍ଗଲର ବୋଲି କହିବା ପରେ ନିଷ୍ଠାର ସଦସ୍ୟ ମାନେ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ନିଖୋଜ ବ୍ୟକ୍ତିଙ୍କ ନାମ ଦୟାକର ଓ ସେ ରେଳ ବିଭାଗରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ତାଙ୍କ ପାଖରେ ଥିବା ରେଳ ବିଭାଗର ଏକ ପରିଚୟପତ୍ରରୁ ତାଙ୍କ ଘର ଠିକଣା ଜାଣି ନିଷ୍ଠାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀଙ୍କ ଉଦ୍ୟମରେ ତାଙ୍କୁ ଘରକୁ ପଠାଯିବାକୁ ଉଦ୍ୟମ କରାଯାଇଥିଲା। ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ ଭିଡିଓ କଲ ମାଧ୍ୟମ ନିଖୋଜ ବ୍ୟକ୍ତିଙ୍କ ପୁଅ ମାନଙ୍କ ସହ ଯୋଗାଯୋଗ କରିଥିଲେ। ଫୋନରେ ନିଜ ବାପାଙ୍କୁ ଦେଖି ପୁଅମାନେ କାନ୍ଦି ପକାଇଥିଲେ। ଆଜି ୱରଙ୍ଗଲରୁ ବରଗଡ଼ ଆସି ଏହି ନିଖୋଜ ବ୍ୟକ୍ତିଙ୍କ ପୁଅ ଓ ପରିବାର ଲୋକେ ତାଙ୍କ ବାପାଙ୍କୁ ନେଇଥିଲେ। ନିଷ୍ଠା ଭବନରେ



ନିଖୋଜ ହୋଇଥିବା ବାପାଙ୍କୁ ପାଇ ପୁଅ ଓ ତାଙ୍କ ପରିବାର ଲୋକ କାନ୍ଦି ପକାଇଥିଲେ। ସନ୍ଧ୍ୟା ରେ ଦଶ ମାଇଲ ବିକାଶ ପରିଷଦର ସଭ୍ୟ ମାନେ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ ତାଙ୍କୁ ବିଦାୟ ନିଆଯାଇଥିଲା। ନିଷ୍ଠା ପରିବାର ଓ ଦଶ ମାଇଲ ବିକାଶ ପରିଷଦର ସଭ୍ୟ ମାନଙ୍କୁ ନିଶୋଜ ବ୍ୟକ୍ତିଙ୍କ ପରିବାର ଅଶେଷ ଧନ୍ୟବାଦ ଦେଇଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ହାଇୱା, ଚାଳକ ଗୁରୁତର

**ଯୁଯୋମୁରା, ୨୧।୬(ସମିସ) :** ଯୁଯୁମୁରା ଥାନା ଅନ୍ତର୍ଗତ ମେଘପାଳ ପଞ୍ଚାୟତ ଅଫିସ୍ ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ଭାରସାମ୍ୟ ହରାଇ ଏକ ହାଇୱା ଓଡି ୧୫ ଜେଡ୍ ୨୩୩୩ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚାଳକଙ୍କ ପରିଚୟ ମିଳି ପାରି ନାହିଁ। ଗେଟି ବୋଝେଇ ହାଇୱା ଗାଡ଼ି କିସିଣ୍ଡାରୁ ମେଘପାଳ ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା।



# ହେମାଲି ମହାସଂଘ ତରଫରୁ ୬ ଦଫା ଦାବିପତ୍ର ପ୍ରଦାନ



**ବରଗଡ଼, ୨୧।୬(ସମିସ):** ଓଡ଼ିଶା କଳିଙ୍ଗ ଉତ୍କଳ ହେମାଲି ମହାସଂଘ ବରଗଡ଼ ଶାଖା ତରଫରୁ ହେମାଲି ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୬ଦଫା ସମ୍ମିଳିତ ଏହି ଦାବିପତ୍ରରେ ଯେଉଁ ଜିଲ୍ଲାର ଚାଉଳ ସେହି ଜିଲ୍ଲାର ଗୋଦାମରେ ରଖାଯାଉ ଏବଂ ପରେ ତାହା ବାହାରକୁ ପଠାଯାଉ, ପ୍ରତ୍ୟେକ ଗୋଦାମର ଶ୍ରମିକମାନଙ୍କୁ ସମାନ ଭାବେ କାର୍ଯ୍ୟ ଦିଆଯିବା, ଶ୍ରମିକ ମାନଙ୍କ ପାଉଣା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଦିଆଯିବା, କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ମୃତ୍ୟୁକାଳୀନ ବୀମା ୧୦ ଲକ୍ଷ ଟଙ୍କା ସହ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ପେନସନ ବ୍ୟବସ୍ଥା, ଶ୍ରମିକମାନଙ୍କ ପୁଅଝିଅକୁ ସରକାରୀ ଚାକିରୀ ପ୍ରଦାନ ଏବଂ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଶ୍ରମିକଙ୍କୁ ରେଗୁଲାର କରାଯିବାକୁ ପଦକ୍ଷେପ ନେବାକୁ ଉଲ୍ଲେଖ ରହିଛି। ବରଗଡ଼ ଜିଲ୍ଲାର ଏଫସିଆଇ, ସିଡବ୍ଲ୍ୟୁସି ଆଦି ବିଭିନ୍ନ ଗୋଦାମରେ ୧୦ ହଜାରରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ସେମାନେ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ହେମାଲି ସଂଘର ବହୁ ସଦସ୍ୟ ସାମିଲ ହୋଇଥିଲେ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିକ୍ଷଣ ଭିତ୍ତିକ ପରିଭ୍ରମଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୧।୬ (ସମିସ) :** ଆଦିତ୍ୟ ଆଲୁମିନିୟମ ଆନୁକୂଲ୍ୟରେ 'ପକଳ୍ପ ସକ୍ଷମ' ଅନ୍ତର୍ଗତ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ଏକ ଶିକ୍ଷଣ ଭିତ୍ତିକ ପରିଭ୍ରମଣର ଆୟୋଜନ କରାଯାଇଥିଲା। ସମ୍ପର୍କରେ ଆଲୋକପାତ କରିଥିଲେ। ଏହ ସହ ପ୍ରଦ୍ୟୁସର କମ୍ପାନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ଭାବେ, ଛତୁ ଚାଷ, ଜିଆ ଖତ ପ୍ରସ୍ତୁତି,



୬୨ ଜଣ ସଦସ୍ୟା ଇଣ୍ଡିଆନ ଗ୍ରାମୀଣ ସର୍ଭିସେସ ଅନୁଷ୍ଠାନକୁ ପରିଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପ୍ରିୟାଙ୍କ ଆଇଜିଏ ପ୍ରବନ୍ଧକ ଯୋଗଦାନ କରି ଏସ.ଏଚ.ଜି ମାଧ୍ୟମରେ ସ୍ୱାବଲମ୍ବୀ ହେବା ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ପନିପରିବା ଚାଷ ସମ୍ପର୍କୀୟ ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମଟି ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରା ସହପ୍ରବନ୍ଧକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଫଳତାର ସହିତ ଆୟୋଜିତ ହୋଇଥିଲା।

# ସତଲମା ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା




**ବରପାଲି, ୨୧।୬ (ସମିସ):** ବରପାଲି ବ୍ଲକ ସତଲମା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଲଳିତ କୁମାର ମେହେରଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଲିଙ୍ଗରାଜ ବେହେରାଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପରିଚାଳନା କମିଟିର ପୂର୍ବତନ ସଭାପତି ଚଞ୍ଚଳ ପଧାନ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଲୋକବନ୍ଧୁ ପଧାନ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଦସ୍ୟ ଅଧିକାରୀ ଭୋଇ, ଅଧ୍ୟାପିକା ସମ୍ପଦା ସିଂହନା, ଚେତନା ପ୍ରଧାନ, ଅସୀମା କର୍ମି, ଦେବାଶିଷ ଦାଶ, ଶ୍ୟାମସୁନ୍ଦର ଭୁଏ, ବାବୁଲୁ ତ୍ରିପାଠୀ, ପଞ୍ଚାନନ ବେହେରା, ସୁଶାନ୍ତ ତ୍ରିପାଠୀ, ମୀନକେତନ ରଣା, ଅଶୋକ ସାହୁ, କୂଳରଞ୍ଜନ ସା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## କେନାଲ ପାଣି ଯୋଗାଣରେ ସମସ୍ୟା

# କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ

**ପଦ୍ମପୁର, ୨୧।୬ (ସମିସ):** ଗ୍ରୀଷ୍ମ ଅବକାଶ ପରେ ସମଗ୍ର ଶିକ୍ଷା ଜିଲ୍ଲାର ବିଭିନ୍ନ କ୍ଲଷ୍ଟରରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ବିଭିନ୍ନ କ୍ଲଷ୍ଟର ପରିଦର୍ଶନ କରିଥିଲେ। ବାଜେନମୁଣ୍ଡା ଠାରେ ଅନୁଷ୍ଠିତ ବୈଠକକୁ ଶ୍ରୀ ଭୋଇ ଉଦଘାଟନ କରି ପ୍ରଧାନ ଶିକ୍ଷକମାନଙ୍କୁ ଉତ୍କୃଷ୍ଟ ଶିକ୍ଷାଦାନ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ନୂତନ ରଣନୀତି ଅବଲମ୍ବନ କରି ଉକ୍ତ ବ୍ଲକକୁ ସର୍ବଶ୍ରେଷ୍ଠ ବ୍ଲକରେ ପରିଣତ କରିପାରିବା ପାଇଁ ପ୍ରଧାନଶିକ୍ଷକ ମାନଙ୍କର ସହଯୋଗ କାମନା କରିଥିଲେ। ଏହି ଅବସରରେ ଏବିଇଓ ଶିବପ୍ରସାଦ ଯୋଶୀ ଗୁଣାତ୍ମକ ଶିକ୍ଷା ଉପରେ ତାଙ୍କର ଅଭିମତ ରଖିଥିଲେ।

# ଯୁଯୁମୁରାରେ ବ୍ଲକସ୍ତରୀୟ ଯୋଗ ଦିବସ

**ଯୁଯୋମୁରା, ୨୧।୬(ସମିସ) :** ଯୁଯୋମୁରା ସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ରରେ ଆଜି ବ୍ଲକ ସ୍ତରୀୟ ବିଶ୍ୱଯୋଗ ଦିବସ ପାଳନ କରାଯାଇଛି। ଯୁଯୋମୁରା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ହୋଇଥିଲା। ପ୍ରଶିକ୍ଷକଭାବେ ହୃଦୟରଞ୍ଜନ ମାଝିଙ୍କ ଯୋଗ ଦେଇଥିଲେ। ଏହି ବିଶ୍ୱଯୋଗ ଦିବସକୁ ଆନୁଷ୍ଠାନିକ ଭାବେ ଯୁଯୋମୁରା ତହସିଲଦାର ସ୍ୱାଧୀନ କୁମାର ବେହେରା, ଯୁଯୋମୁରା ବିଡ଼ିଓ ବିଜୟ କୁମାର ସାଏ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ, ବ୍ଲକ କର୍ମଚାରୀ, ସ୍କୁଲ ଶିକ୍ଷକ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଆମ ଶରୀର କିଭଳି ଭାବରେ ସୁସ୍ଥ ସବଳ ରହିବା ସେ ଉପରେ ଉଦବୋଧନ ଦେଇଥିଲେ। ଏହା ସହିତ ଯୁଯୋମୁରାର ଲିଟଲ ଫ୍ଲାୱାର ପବ୍ଲିକ ସ୍କୁଲରେ ମଧ ଏହି ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି।



# କୁନ୍ତରା କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ

**କୁଚିଣ୍ଡା, ୨୧।୬(ସମିସ):** ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟ କୁନ୍ତରାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏନଏସଏସ ପୋଗ୍ରାମ ଅଫିସର ତରୁଣ କୁମାର ପୃଷେଠ୍, ୱାଆରସି କୋଅଡିନେଟର ଶିବ ଶଙ୍କର ମଲ୍ଲିକ, ପିଇଟି ବିକାଶ କିସାନ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ। ଯୋଗଗୁରୁ ଭାବେ ଝାରମାଲ୍ ଗ୍ରାମର ରମାକାନ୍ତ ପ୍ରଧାନ ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଅନ୍ୟାନ୍ୟ ଯୋଗାସନ ପ୍ରାଣାୟମ ଅଭ୍ୟାସ କରାଇଥିଲେ। ଅବସରରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଯୋଗାଭ୍ୟାସ କରିବା ସହ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲ। ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲି ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଏମସିଏଲରେ ଯୋଗ ଶିବିର



**ବୁର୍ଲା, ୨୧।୬(ସମିସ):** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏମସିଏଲରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍ ସିଏଲ୍ ଭୁବନେଶ୍ୱରରେ ଆୟୋଜିତ ଯୋଗ ଶିବିରରେ ଏମ୍ ସିଏଲ୍ ର ସିଏମ୍ ଡି ଉଦୟ ଅନନ୍ତ କାଉଲେ, ନିର୍ଦ୍ଦେଶକ (ଅର୍ଥ) ଏକେ ବେହୁରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏମସିଏଲ ମୁଖ୍ୟାଳୟରେ ଆୟୋଜିତ ଯୋଗ ଶିବିରରେ ଏମସିଏଲର ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ନିର୍ଦ୍ଦେଶକ (ବୈଷୟିକ/ପରିଚାଳନା) ଯୁଗଳ କୁମାର ବୋରା ଅଂଶଗ୍ରହଣ କରିଥିଲେ। ଅନୁଗୁଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କାର୍ଯ୍ୟକ୍ଷମ ଅଞ୍ଚଳରେ ଯୋଗ ଶିବିର ଆୟୋଜନ କରାଯାଇ ଆଞ୍ଚଳିକ ମହାପ୍ରବନ୍ଧକ ଓ ପ୍ରକଳ୍ପ ଅଧିକାରୀମାନେ ଯୋଗ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ଯୋଗ ଶିବିରରେ ଏମ୍‌ସିଏଲ୍‌ର ସମସ୍ତ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ମଧ ବେଶ୍ ଉତ୍ସାହ ଓ ଉତ୍ସାହର ସହ ଅଂଶଗ୍ରହଣ କରି ବିଭିନ୍ନ ଯୋଗାସନ ବିସ୍ତୃତ ଭାବେ ଶିଖିଥିଲେ। ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଆସନ, ପ୍ରାଣାୟମ ଏବଂ ଧ୍ୟାନ ବ୍ୟାୟାମ କରାଯାଇଥିଲା।

# ସୁସ୍ଥ ଓ ସନ୍ତୁଳିତ ଜୀବନର ଶିକ୍ଷା ଦିଏ ଯୋଗ



**ବାମରା, ୨୧/୬(ସମିସ):** ବାମରା ରିଥମିକ୍ସ ଡାନ୍ସ ଓ ଯୋଗ ଷ୍ଟୁଡିଓ ଆନୁକୂଲ୍ୟରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରାଯାଇଛି। ୫୦ରୁ ମହିଳା ଓ ଯୁବତୀ ମାନେ ସାମିଲ ହୋଇଥିଲେ। ଯୋଗାଚାର୍ଯ୍ୟ ଦେବେନ୍ଦ୍ର ବେହେରା ଓ ଶର୍ମିଷ୍ଠା ନାୟକ ସୂର୍ଯ୍ୟ ନମସ୍କାର, ଅଷ୍ଟାଙ୍ଗ ଯୋଗ, ହସ୍ତ ଯୋଗ, ଧ୍ୟାନ, ବିର ଭଦ୍ରାସନ୍, ତ୍ରିକୋଣଆସନ, ଚକ୍ରାସନ୍, ବକ୍ରାସନ୍, ଭୂଜଂଗାସନ୍, ସତ୍ କ୍ରିୟା, ଜଳ ନେତି ଓ ବିଭିନ୍ନ ଯୋଗାସନ, ପ୍ରାଣାୟମ ର ଅଭ୍ୟାସ କରାଇବା ସହ ଏହାର ଉପକାରିତା ବିଷୟରେ କହିଥିଲେ। ଯୋଗ କେବଳ ଶରୀରର କିଛି ମୁଦ୍ରା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଯୋଗ ଆମକୁ ସ୍ୱସ୍ଥ ଓ ସନ୍ତୁଳିତ ଜୀବନ ଜାପାନର ଶିକ୍ଷା ଦେଇଥାଏ।

# ଜେଏସ୍‌ଡବ୍ଲୁବିପିଏସ୍‌ଏଲରେ ଅନ୍ତର୍ଜାତୀୟ ଯୋଗ ଦିବସ

**ସମ୍ବଲପୁର, ୨୧।୬ (ସମିସ):** ଜେଏସଡବ୍ଲୁ ବିପିଏସଏଲରେ ଆଜି ଚଳିତ ବର୍ଷ ଯୋଗ ଦିବସ ବିଷୟବସ୍ତୁ 'ନିଜ ଓ ସମାଜ ପାଇଁ ଯୋଗ' ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ବିପିଏସଏଲ ସଭାପତି ଓ ଡବ୍ଲୁଟିଡି ଅନିଲ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଯୋଗର ବିଭିନ୍ନ ଆସନ ଗୁଡ଼ିକ



ପ୍ରଦର୍ଶନ ହୋଇଥିଲା। କମ୍ପାନିର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଭାଗନେଇ ଯୋଗ କରିଥିଲେ। ନିତି ଦିନି ଯୋଗାଭ୍ୟାସ କରିବା ଦ୍ୱାରା ଶରୀର ସୁସ୍ଥ ରୁହେ ବୋଲି ମୁଖ୍ୟ ଅତିଥି କହିଥିଲେ। ଶାରୀରିକ, ମାନସିକ ସୁସ୍ଥତା ପାଇଁ ଦୈନନ୍ଦିନ ଜୀବନରେ ଯୋଗ ନିତ୍ୟାନ୍ତ ଆବଶ୍ୟକ। ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଯୋଗାଭ୍ୟାସ ଦ୍ୱାରା ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ସୃଷ୍ଟି ହୋଇଥାଏ। ତେବେ ପ୍ରତିଦିନ ଯୋଗାଭ୍ୟାସ କରି ସୁସ୍ଥ ଓ ନିରାମୟ ଜୀବନଯାପନ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦିଆଯାଇଥିଲା।

■ ଫ୍ଲାଏଆଶ୍ ମାୟାରେ ପ୍ରଶାସନ

# ହୀରାକୁଦ ଡାଇକ ରାସ୍ତାରେ ଆସୁଛି ଫ୍ଲାଏଆଶ୍, ଦବୁଛି ରାସ୍ତା



ଆଶ୍ ପରିବହନ ଯୋଗୁଁ ଡାଇକ୍ ରାସ୍ତା ଶୋଚନୀୟ

**ସମ୍ବଲପୁର, ୨୧।୬(ସମିସ):** ସମ୍ବଲପୁର ଜିଲ୍ଲାର ବଣ ଜଙ୍ଗଲ ସମେତ ଗୋଚର ଜମି, ସରକାରୀ ଜମି ଉପରେ ଫ୍ଲାଏ ଆସ୍ ମାଫିଆଙ୍କ ନଜର। କାରଖାନାରୁ ବାହାରୁଥିବା ବର୍ଜ୍ୟ ବା ଫ୍ଲାଏ ଆସକୁ ଆଣି ବିଭିନ୍ନ ସ୍ଥାନରେ ଡମ୍ପିଂ କରି ରାତାରାତି କୋଟିପତି ହେବାର ସ୍ୱପ୍ନ ସାକାର କରିବାରେ କିଛି ମାଫିଆ ଲାଗି ପଡ଼ିଛନ୍ତି। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ଶାସନ, ଘୁଞ୍ଚୁମୁରା ଅଞ୍ଚଳରେ ବେଆଇନ ଆସ୍ ଡମ୍ପିଂ ଚାଲିଥିବାବେଳେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ତଳ ଅଞ୍ଚଳ ଆସ୍ ମାଫିଆଙ୍କ କବ୍ଜାକୁ ଚାଲି ଆସିଛି। କିଛି ସ୍ଥାନୀୟ ଲୋକଙ୍କୁ ହାତ କରି ହୀରାକୁଦ ଜଳଭଣ୍ଡାର ତଳେ ଥିବା କିଛି ଗାଁର ଜଙ୍ଗଲ ଜମିରେ ଆସ୍ ଡମ୍ପିଂ ଜାରି ରହିଛି। ଆସ୍ କେଉଁଠୁ ଆସୁଛି ଓ କେଉଁ ଅଞ୍ଚଳକୁ ଯାଉଛି ଏନେଇ କେହି ମୁହଁ ଖୋଲୁନଥିବାବେଳେ ଏହା ପ୍ରଧାନପାଲି ଟୋଲଗେଟ ପୂର୍ବରୁ ଆସୁଥିବା ଡାଇକ ରାସ୍ତାରେ ଆସିବା ପରେ ତାହା କିଛି ଦୂର ଡାଇକ୍ ରାସ୍ତାରେ ଗଲା ପରେ ପୁଣି ସ୍ଥାନୀୟ ଅଞ୍ଚଳକୁ ଆସି ଡମ୍ପିଂ କରାଯାଉଛି। ତେବେ ପ୍ରତିଦିନ ଶହ ଶହ ହାଇୱାରେ ଆସ୍ ଭର୍ତ୍ତି ହୋଇ ଆସିଲା ପରେ ପ୍ରଦୂଷଣ ବିଭାଗ, ସ୍ଥାନୀୟ ପୁଲିସ କିମ୍ବା ସ୍ଥାନୀୟ ବାସିନ୍ଦା କେମିତି ଜାଣି ପାରୁ ନାହାନ୍ତି। ନା ଆସ ମାୟାରେ ସମସ୍ତେ ବାୟା। କିଛି ଜଣ ପୁଞ୍ଜିପତି ସ୍ଥାନୀୟ ଅଞ୍ଚଳକୁ ଆସ୍ ପାହାଡରେ ପରିବର୍ତ୍ତନ କରିବା ପାଇଁ କଳ ବଳ କୌଶଳ ପ୍ରୟୋଗ କରି ରାତା ରାତି ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବରେ ଆୟ କରୁଛନ୍ତି। ହେଲେ ପ୍ରଶାସନ ଏନେଇ ସବୁ ଜାଣି ଶୁଣି ପ୍ରଶ୍ରୟ ଦେଉଛି। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱାଧିନ ଭାରତର ପ୍ରଥମ ମନ୍ଦିର କହି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁ ଯେଉଁ ହୀରାକୁଦ ବନ୍ଧଙ୍କୁ ଜାତି ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ ଆଜି ସେହି ହୀରାକୁଦ ବନ୍ଧର ଡାଇକ ରାସ୍ତା ଓ ତଳେ ଥିବା ବିଭିନ୍ନ ଗାଁକୁ ସଂଯୋଗ କରୁଥିବା ପିଚୁ ରାସ୍ତା ଦବି ଗଲାଣି। ପ୍ରତି ୫ ମିନିଟରେ ଥରେ ସେହି ରାସ୍ତା ଦେଇ ଆସ ବୋଝେଇ ଗାଡି ଯାଉଛି। ଆସ ବୋଝେଇ ଗାଡି ତଥା ଭାରୀଯାନ ଚଳାଚଳ ନିଷେଧ ଥିବା ଡାଇକ ରାସ୍ତାରେ ଆସ୍ ଗାଡି ଯାଉଥିଲେ ସୁଦ୍ଧା ପରିବହନ ବିଭାଗ କେମିତି ଜାଣି ପାରୁନାହିଁ। ନା ସମସ୍ତେ ଆଖି ବୁଜି ସହମତି ପ୍ରଦାନ କରିଛନ୍ତି। ତେବେ ଆସୁଥିବା ଆସ୍ ଗାଡି ଯାଞ୍ଚ କରିବା ସହ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନନେଇ ଆଗକୁ ଡାଇକ ରାସ୍ତା ମଧ୍ୟ ଭୁଶୁଡିଯିବ।

# ଚେପଟି ପୁଲିଆ କାମ ଶେଷ କରିବାକୁ ବିଜେଡିର ଦାବିପତ୍ର

**ସମ୍ବଲପୁର, ୨୧।୬(ସମିସ):** ମ୍ୟୁନିସିପାଲଟି ଛକ ଠାରୁ ହୀରାକୁଦ କଲୋନୀ ରାସ୍ତା ଦେଇ ଜେଲଛକକୁ ଯିବା ରାସ୍ତାର ମରାମତି କାର୍ଯ୍ୟ ଶେଷ ହୋଇଛି। ମାତ୍ର ଚେପଟି ପୁଲିଆକୁ ଭଙ୍ଗା ଯାଇ ଅନେକ ଦିନ ହେବ କାର୍ଯ୍ୟ ଆରମ୍ଭ ନ ହେବା କାରଣରୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ପରିଲକ୍ଷିତ ହେଉଛି। ରାସ୍ତା ବନ୍ଦ ଥିବାର କୌଣସି ବୋର୍ଡ ନ ଥିବାରୁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ସିଧାସଳଖ ପୁଲିଆ ପର୍ଯ୍ୟନ୍ତ ଯାଇ ପୁଣି ପଛକୁ ଫେରୁଛନ୍ତି। ଏଣୁ ଆଜି ବିଜେଡି ବରିଷ୍ଠ ନେତା ଗୋକୁଳ ମେହେରଙ୍କ ନେତୃତ୍ୱରେ ଏକ ବିଜେଡି ପ୍ରତିନିଧି



ଦଳ ଦୁଲାଲ ଚନ୍ଦ୍ର ରାୟ, ଶେଷଦେବ ଗୁରୁ, ସୁକେଶ ସିଂ, ତ୍ରିବିକ୍ରମ ସାହୁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିଥିଲେ। ପ୍ରଥମେ ରାସ୍ତାର ଦୁଇ ଫାଳରେ ରାସ୍ତା ବନ୍ଦର ବୋର୍ଡ ଲାଗିବା ସହ ଯଥାଶୀଘ୍ର ଏହି କାର୍ଯ୍ୟ ଶେଷ କରିବାକୁ ଶ୍ରୀ ମହାନ୍ତି ନିର୍ଦ୍ଦେଶ କରିଥିଲେ।

ଜଣ୍ଡିସ, ଆକ୍ରାନ୍ତ ସଂଖ୍ୟା ୭୦ରେ ପହଞ୍ଚିଲା

# ଜନସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କଲେ ଜନସାଧାରଣ

ସମ୍ବଲପୁର, ୨୧।୬(ସମିସ)

ସମ୍ବଲପୁର ସହରରେ ଜଣ୍ଡିସ୍ ଆତଙ୍କ କମିବାର ନା ନେଉନାହିଁ। ଗତ କାଲି ୪୯ ଜଣ ଚିହ୍ନଟ ହୋଇଥିବା ବେଳେ ଆଜି ଏହାର ସଂଖ୍ୟା ବୃଦ୍ଧି ହୋଇ ୭୦ରେ ପହଞ୍ଚିଛି। ପିଏଚଡି ପାଣି ଯୋଗୁଁ ଜଣ୍ଡିସ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି। ଅନେକ ସମୟରେ ପିଏଚଡି ଯୋଗାଉଥିବା ପାଣି ଗୋଳିଆ ଓ ପୋକ ବାହାରୁଥିବା ଅଭିଯୋଗ ହୋଇ ଆସୁଛି। ଏହା ସହିତ ପିଏଚଡି ପାଣି ପାଇପ ଓ ଡ୍ରେନ ଗୋଟିଏ ସ୍ଥାନରେ ରହୁଛି। ଫଳରେ ପାଇପ ଫାଟିଲେ ଡ୍ରେନ ପାଣି ଘରକୁ ଯୋଗଉଥିବା ପାଣିରେ ମିଶି ଯାଉଛି। ତେଣି ଜଣ୍ଡିସ ବ୍ୟାପିବାର ଅଧିକ ଆଶଙ୍କା ରହୁଛି। ଅନ୍ୟପଟେ ଦୁଇ ଦିନ ହେଲା ବିଭିନ୍ନ ପଡ଼ାର ପାଇପ ମରାମତି କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି। ନୂତନ ପାଇପ ଲଗା ଯାଉଛି। ଘରକୁ ଘର ବୁଲି ସ୍ୱାସ୍ଥ୍ୟ ବିଭାଗର ଟିମ ଲୋକଙ୍କୁ ସଚେତନ କରୁଛି। ସିଡିଏମଓ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ




କହିବା ଅନୁସାରେ ଆଜି ଚିହ୍ନଟ ସଂଖ୍ୟା ହ୍ରାସ ପାଇଛି। ସମସ୍ତ ଆକ୍ରାନ୍ତ ସଂଖ୍ୟାରୁ ୪ ଜଣ ୨୦ ବର୍ଷିୟା ରହିଥିବା ବେଳେ ୫୪ ଜଣ ୧୪ ବର୍ଷରୁ କମ ରହିଛନ୍ତି। ତେଣୁ ପାଣି ଅପେକ୍ଷା ଫାଷ୍ଟଫୁଡ ଦ୍ୱାରା ଜଣ୍ଡିସ ସଂକ୍ରମଣ ହୋଇ ଥାଇପାରେ। ପାଣି ପରୀକ୍ଷା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ଏସଏମସିକୁ ଚିଠି କରାଯାଇଛି। ସହରର କୁମ୍ଭାରପଡ଼ା, ଧୁବାପଡ଼ା, ପେନସନ ପଡ଼ାରେ ଜଣ୍ଡିସ ଆକ୍ରାନ୍ତ ରହିଛନ୍ତି। କୁମ୍ଭାରପଡ଼ାରେ ମୋଟ ୨୮୦୯ ଜଣ, ଧୁବାପଡ଼ାରେ ୬୮୨ ଜଣ, ପେନସନପଡ଼ାରେ ୧୦୬୪ ଜଣ ପରୀକ୍ଷା କରାଯାଇଛି। ଜଣ୍ଡିସ ବ୍ୟାପିବା ନେଇ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଥିବା ବେଳେ ପିଏଚଡି ବିଭାଗକୁ ଦାୟି କରିଛନ୍ତି। ଅଭିଯୋଗ କରିଛନ୍ତି ଯେ ଡ୍ରେନ ଗୁଡିକରେ ଆଜି ମଧ୍ୟ ପିଏଚଡି ପାଣି ପାଇବ ଲାଗି ରହୁଛି। କେତେକ ସ୍ଥାନରେ ପାଇପ ପାଣି ଡ୍ରେନରେ ମିଶୁଛି ତ ଡ୍ରେନ ପାଣି ପାଇପରେ ପସି ଯାଉଛି। ଯାହା ଲୋକମାନଙ୍କ ଘରେ ପହଞ୍ଚୁଛି। ମରାମତି କରିବା ପାଇଁ ଏସଏମସି, ପିଏଚଡି ମିଳିତ ଉଦ୍ୟମ କଲେ ମଧ ଲାଭ ମିଳି ପାରୁନାହିଁ। ଅନ୍ୟପଟେ ୨୦୧୩ ମସିହା ପରେ ସମ୍ବଲପୁର ସହରରେ ଏଭଳି ପରିସ୍ଥିତି ଦେଖା ଦେଇଛି। ତେବେ ଚୁସକି, ଗୁପଚୁପରୁ ଏହି ଜଣ୍ଡିସ ବ୍ୟାପୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଶେଷ କରି ଶୀତଳ ଷଷ୍ଠୀ ସମୟରେ ଅନେକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଟୟୋଟା 'ଅରବାନ କ୍ରୁଜର ଟାଇଜର'ର ବିକ୍ରି ଆରମ୍ଭ

**ସମ୍ବଲପୁର, ୨୧।୬(ସମିସ):** ଟୟୋଟା ପକ୍ଷରୁ ନୂତନ ଗାଡି ଅରବାନ କୃଜର ଟାଇଜର ବଜାର ପ୍ରବେଶ ହୋଇସାରିଥିବା ବେଳେ ଆଜି ସମ୍ବଲପୁର ସହରରେ ଲଞ୍ଚ ହୋଇ ବିକ୍ରି ଆରମ୍ଭ ହୋଇଛି। ସମ୍ବଲପୁର ବରେଇପାଲି ସ୍ଥିତ ଟୟୋଟା ସୋ' ରୁମରେ ଆଜି ଆୟୋଜିତ ଏକ କାର୍ଯ୍ୟକମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକ୍ରିର ଶୁଭାରମ୍ଭ କରାଇଥିଲେ। ସବୁ ବର୍ଗର ଲୋକଙ୍କୁ ସୁହାଇବା ଭଳି ଗାଡିଟି ନିର୍ମିତ ହୋଇଥିଲା ବେଳେ ଏଥରେ ରହିଛି ଡବଲ ଇଞ୍ଜନ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅରବାନ କୃଜର ଟାଇଜରରେ ରହଛି ଆଡଭାନ୍ସ ଫିଚର୍ସ। ଏଥରେ ୬ଟି ଏୟାର ବ୍ୟାଗ ରହଛି। ଏହାର ମୂଲ୍ୟ ୭.୭୩ରୁ ୧୨.୮୭ ଲକ୍ଷଟଙ୍କା ମଧ୍ୟରେ ରହିଛି। ଅରବାନ କ୍ରୁଜର ଟାଇଜର




ଗାଡ଼ି ଉପରେ ୩ ବର୍ଷର ୱାରେଣ୍ଟି ରହିଥିବାବେଳେ ଏହା ଆଉ ୫ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରିହେବ। ଗାଡ଼ିର ପିରୋରିଓଡିକାଲ ମେଣ୍ଟେନାନ୍ ମାତ୍ର ଏକଘଣ୍ଟା ଘଣ୍ଟା ମଧରେ ମିଳିପାରିବ। ସେହିପରି ଗାଡ଼ି କିଣିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ବିନା ଡାଉନ ପେମେଣ୍ଟରେ ଗାଡ଼ି ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହି କାର୍ଯ୍ୟକମରେ ଇସପିରିଟ ଟାୟୋଟାର ଶାଖା ପରିଚାଳକ ଦୀପକ ସ୍ୱାଇଁ, ସେଲ୍ସ ମ୍ୟାନେଜେର ଦିନେଶ ପ୍ରାମାଣିକ ଏବଂ ମାର୍କେଟିଂ ଡେପୁଟି ମ୍ୟାନେଜେର ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍

**ସମ୍ବଲପୁର, ୨୧।୬(ସମିସ):** ବରେଇପାଲି ଛକରେ ଆଜି ଦୁଇଟି ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କୌଣସି ପ୍ରାଣହାନୀ ହୋଇ ନଥିବା ସୂଚନା ରହିଛି। ଗୋଟେ ଟ୍ରକ ଅନ୍ୟ ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଯାହା ଫଳରେ ଧକ୍କା ଦେଇଥିବା ଟ୍ରକର କାଚ ଭାଙ୍ଗି ଯାଇଥିବା ସୂଚନା ରହିଛି। ଦୁର୍ଘଟଣା ପରେ ମୁଖ୍ୟ ରାସ୍ତା ଅଧ ଘଣ୍ଟା ପାଇଁ ଜାମ ହୋଇ ରହିଥିଲା।

# ଭାରତ ବିକାଶ ପରିଷଦର ବାଲ୍ୟ ସଂସ୍କାର ଶିବିର

**ସମ୍ବଲପୁର, ୨୧।୬(ସମିସ):** ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ଆନୁକୂଲ୍ୟରେ ମହିଳା ସହଭାଗିତା ଅନ୍ତର୍ଗତ ତ୍ରିଦିବସୀୟ ବାଲ୍ୟ ସଂସ୍କାର କାର୍ଯ୍ୟକ୍ରମ ସ୍ଥାନୀୟ କୁମ୍ଭାର ପଡ଼ାରେ ଆୟୋଜିତ ହୋଇଯାଇଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତର ମହିଳା ସଚିବ ଡ. ରଶ୍ମିରେଖା ଜେନା,



ବେଟି ବଚାଓର ସଂଯୋଜିକା ଜ୍ୟୋସ୍ନାମୟୀ ପଣ୍ଡା ଓ ଶାଖା ମହିଳା ସଚିବ ବିମଳା ଡାଲମିଆ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ମେଘା ଓ ଜୟନ୍ତୀ ଦେବୀ ପିଲାମାନଙ୍କୁ ମନ୍ତ୍ର ଉଚ୍ଚାରଣ, ଚିତ୍ରରେ ରଙ୍ଗ ଭରିବା ସହ ଏକାଗ୍ରତା ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର କୌଶଳ ଶିକ୍ଷା ଦେଇଥିଲେ।

ସମ୍ବଲପୁର ସହରରେ ଅନ୍ତର୍ଜାତୀୟ ଯୋଗ ଦିବସ

# ସୁସ୍ଥ ଜୀବନଯାପନ ପାଇଁ ଯୋଗ ଏକ ମାଧ୍ୟମ





ସମ୍ବଲପୁର, ୨୧।୬(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ଷ୍ଟାଡିୟମରେ ଯୋଗ ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇଥିଲେ। ଯୋଗର ମହତ୍ତ୍ୱ ଏବଂ ଆବଶ୍ୟକତା ବିଷୟ ତାଙ୍କ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ର -ଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଯୋଗ ପ୍ରଶିକ୍ଷକ ପ୍ରଭୁଦତ୍ତ ବଗର୍ତ୍ତୀ ଶିବିର ପରିଚାଳନା କରିଥିଲେ। ପ୍ରାର୍ଥନା ସହିତ ଯୋଗ ଶିବିର ଆରମ୍ଭ ହୋଇଥିଲା ମନ୍ତ୍ରୀ ନାୟକ ଶପଥ ପାଠ କରାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ରୋଜାଲିନ ତିର୍କୀଙ୍କ ସମେତ ଜିଲ୍ଲାପ୍ରଶାସନର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ପ୍ରଜାପିତା ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ଭଉଣୀ କ୍ରୀଷ୍ଣା ବର୍ତ୍ତମାନ ସମୟରେ ଯୋଗର ଉପାଦେୟତା କଥା କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବିରୂପାକ୍ଷ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିର

**ହୀରାକୁଦ:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବରେ ପରିଚାଳନା ସମିତିର ସଭାପତି ଅଶୋକ କୁମାର ପଣ୍ଡା ଶୁଭାରମ୍ଭ କରିଥିଲେ। ଭାରତ ବିକାଶ ପରିଷଦର ପ୍ରାନ୍ତୀୟ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ ଯୋଗର ଆବଶ୍ୟକତା ଉପରେ ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ଯୋଗ କିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରୁଛି ଆଲୋକପାତ କରିଥିଲେ। ପ୍ରମୁଖ ରଞ୍ଜନ କୁମାର ଦାଶ, ଆଚାର୍ଯ୍ୟ ଗୌରାଙ୍ଗ ଦାଶ, ଗୁରୁ ଭୁଏ ସମସ୍ତଙ୍କୁ ଯୋଗ, ପ୍ରାଣାୟାମ ଆଦିକୁ ଅଭ୍ୟାସ କରିଥିଲେ। ବ୍ରହ୍ମାନନ୍ଦ ସାହୁ, ଉପ ସଭାପତି ହେମନ୍ତ ପଟେଲ, ପୂର୍ବ ସମ୍ପାଦକ ସନ୍ଦୀପ ଦାଶ, ପୂର୍ବ ଗୁରୁଜୀ ଯୋଗିନ୍ଦ୍ର ପ୍ରଧାନ, ଜ୍ଞାନେନ୍ଦ୍ରିୟ ଦାଶ ଶିଶୁ ଭାଇଭଉଣୀ ଓ ସମସ୍ତ ଗୁରୁଜୀ ଗୁରୁମା, ପୂର୍ବଛାତ୍ର, ସେବକ ସେବିକା ଯୋଗର ଅଭ୍ୟାସ କରିଥିଲେ।

## ଜିଏମ ସ୍ୱୟଂଶାସିତ କଲେଜ

ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ସମ୍ବଲପୁରର ଅଧକ୍ଷ ନିର୍ମଳ ଚନ୍ଦ୍ର କୁଲଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବ ରେଡ୍ କ୍ରସ ସମାଜ ଏବଂ ଜାତୀୟ ସେବା ଯୋଜନା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଆଜି ପାଳିତ ହୋଇଯାଇଛି। ଅଧ୍ୟାପିକା ରଶ୍ମିରେଖା ଜେନା ଯୋଗ ସମ୍ବନ୍ଧୀୟ ମତ ବ୍ୟକ୍ତ କରିଥିଲେ। ରାଜ୍ୟ ପତଞ୍ଜଳି ଯୋଗ ସଂସ୍ଥାର ସଂଯୋଜିକା ଜେ ଗିରିଜା ଦେବୀ ମନ୍ତ୍ରୋଚ୍ଚାରଣ କରି ଯୋଗର ଉପାଦେୟତା ତଥା ଯୋଗକ୍ରିୟା ସମ୍ପର୍କରେ ଦିଗଦର୍ଶନ ଦେବା ସହ ବିବିଧ ଆସନ ପ୍ରାଣାୟାମ ଶିକ୍ଷା ଦେଇଥିଲେ। ଦୈନନ୍ଦିନ ଜୀବନରେ ଥିବା ଏହାର ମହତ୍ତ୍ୱ ବୁଝାଇଥିଲେ। ଅଧାପିକା ପ୍ରିୟଦର୍ଶିନୀ ସାହୁ ଏବଂ ଅଧାପକ ଅଜୟ ଲାକ୍ରା ଏହି କାର୍ଯ୍ୟକ୍ରମର ସଞ୍ଚାଳନ ଦାୟିତ୍ୱ ନେଇଥିଲେ। ଅଧାପିକା ଲଳିତା କେଶ୍ରାଲ ଯୋଗ ଦିବସର ଶୁଭ ଆରମ୍ଭ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ଅତ୍ୟନ୍ତ ନିଷ୍ଠାର ସହ ଯୋଗ ଦିବସ ପାଳନ କରିଥିଲେ।

## ଡିଏଭି ବୁର୍ଲା

ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ରଶ୍ମି ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରାରମ୍ଭ କରିଥିଲେ। ଯୋଗ ପ୍ରଶିକ୍ଷକ ଜ୍ଞାନରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ସାହୁ ଯୋଗଦେଇ ଉପସ୍ଥିତ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଯୋଗ ଆସନ ଅଭ୍ୟାସ କରାଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଯୋଗର ଗୁରୁତ୍ୱ ସମ୍ପର୍କରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଉତ୍ସବକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅମିନ ମଲ୍ଲିକ, ରାଜଶ୍ରୀ ସାହାଣୀ ଓ ଶୁଭେନ୍ଦୁ ରାଜବାରିକ ପ୍ରମୁଖ ସୁପରିଚାଳନା ପାଇଁ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଯୋଗ ଉତ୍ସବରେ ବରିଷ୍ଠ ଶିକ୍ଷକ ଶ୍ରୀବତ୍ସ ମିଶ୍ର ଯୋଗର ମହତ୍ତ୍ୱ ତଥା ନିରନ୍ତର ଅଭ୍ୟାସ ସମ୍ପର୍କରେ ନିଜ ଅଭିମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ଓ ଡକ୍ଟର ଅଭୟ କୁମାର ମିଶ୍ର ପରିଚାଳନା ତଥା ସଂଯୋଜନା କରିଥିଲେ।

## ରେଳ ମଣ୍ଡଳ

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ରେଳବାଇ କମ୍ୟୁନିଟୀ ହଲ, ସମ୍ବଲପୁର ଠାରେ ଆଜି ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ, 'ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ହେଉଛି ଏକ ମାଧ୍ୟମ'। ଏହି କାର୍ଯ୍ୟକ୍ରମରେ ରେଳବାଇ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କର ପରିବାର ସଦସ୍ୟ ଯୋଗଦାନ କରି ଯୋଗାଭ୍ୟାସ କରିଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ସମ୍ବଲପୁରର ପ୍ରତାପ ପ୍ରଧାନ ଓ ଅନ୍ୟ ସଦସ୍ୟମାନେ ଯୋଗ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ଅଧକ୍ଷା ଲୀନା ପାଣ୍ଡେ, ରେଳବାଇ ଅଧିକାରୀ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଦସ୍ୟା ତଥା ରେଳବାଇ କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ଷ୍ଟେସନ ଓ ୟୁନିଟ ଗୁଡ଼ିକରେ ମଧ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିଲା। ଜୁସୁଫ କବୀର ଅଂସାରୀ ଏହି କାର୍ଯ୍ୟକ୍ରମର ସଂଯୋଜନା ଥିଲେ।

## ଶ୍ୟାମ ମେଟାଲିକସ

ଆଜି ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକସ ପରିସରରେ ଯୋଗ ଦିବସ ପାଳନ ହୋଇଯାଇଛି। କମ୍ପାନୀ ନିର୍ଦ୍ଦେଶକ ଦେବ କୁମାର ତିୱାରୀଙ୍କ ମାର୍ଗଦର୍ଶନ ତଥା ମାନବ ସମ୍ବଳ ମୁଖ୍ୟ ଭୁପେନ୍ଦ୍ର ସିଂ କୁଶବହାଙ୍କ ତତ୍ତ୍ୱାବଧାନରେ ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଯୋଗ ଶିବିରରେ କମ୍ପାନୀର ସମସ୍ତ ବିଭାଗ ମୁଖ୍ୟ, ସମସ୍ତ ମହିଳା କର୍ମଚାରୀ ତଥା ଅନ୍ୟ କର୍ମଚାରୀମାନେ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ। ଶାରୀରିକ, ମାନସିକ ସୁସ୍ଥତା ପାଇଁ ଦୈନନ୍ଦିନ ଜୀବନରେ ଯୋଗ ନିତ୍ୟାନ୍ତ ଆବଶ୍ୟକ। ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଯୋଗାଭ୍ୟାସ ଦ୍ୱାରା ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ସୃଷ୍ଟି ହୋଇଥାଏ। ତେବେ ପ୍ରତିଦିନ ଯୋଗାଭ୍ୟାସ କରି ସୁସ୍ଥ ଓ ନିରାମୟ ଜୀବନଯାପନ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦିଆଯାଇଥିଲା।



## ସାଓଲିନ କୁଙ୍ଗ୍‌ଫୁ ଉଷୁ ଏସୋସିଏସନ

ସ୍ଥାନୀୟ କଚେରୀ ସ୍ଥିତ ସାଓଲିନ କୁଙ୍ଗ୍‌ଫୁ ଉଷୁ ଏସୋସିଏସନରେ ଆଜି ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏସୋସିଏସନର ଛାତ୍ରଛାତ୍ରୀ ଏବଂ ଅଭିଭାବକ ଯୋଗ, ପ୍ରାଣାୟାମ ଓ ମାର୍ସଲଆଟ ସ୍ୱାସ୍ଥ୍ୟରକ୍ଷାର କବଚ ହୃଦୟଙ୍ଗମ କରି ନିୟମିତ ଅଭ୍ୟାସ କରିବେ ବୋଲି ଶପଥ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଶୀର୍ଷାସନ, ଚକ୍ରାସନ, ପଦ ହସ୍ତାସନ, ଭୁଜଂଗାସନ, କୁକୁଟାସନ ଆଦି ବିଭିନ୍ନ ଯୋଗ ପ୍ରଦର୍ଶନ କରିଥିଲେ। ଏସୋସିଏସନର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଏବଂ ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର ସୁପରିଚାଳନା କରିଥିଲେ।